୦୭ ଜୁନ୍ ୨୦୨୬ ରବିବାର






କେବଳ ଗୋଟିଏ ଦୁଇଟି ପରିବର୍ତ୍ତନ ନୁହେଁ, ଏକାଧିକ ହଟଚମଟ ସହ ୨୦୨୬ ଫିଫା ବିଶ୍ୱକପ୍ ବିଗୁଲ ବାଜିବାକୁ ଯାଉଛି। ୨୬ତମ ସଂସ୍କରଣରେ ୩୨ ଦଳ ପରିବର୍ତ୍ତେ ଭାଗନେବେ ୪୮ ଦଳ। ଗତ ୨୦୨୨ କାତାର ସଂସ୍କରଣରେ ୩୨ ଦଳ ଅଂଶଗ୍ରହଣ କରିଥିଲେ। ନିଓନେଲେ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ବିଶ୍ୱବିଜେତା ବନିଥିଲା। ମେସି ତାଙ୍କ କ୍ୟାରିୟରରେ ପୂର୍ଣ୍ଣାଙ୍ଗ ସଫଳତା ହାସଲ କରିଥିଲେ। ହାତରେ ଫିଫା ବିଶ୍ୱକପ୍ ଟ୍ରଫି ତୋଳିଧରି ତାଙ୍କ ଫୁଟବଲ ଜୀବନକୁ ସାର୍ଥକ କରିଥିଲେ। ଏଥିର ସେ ଷଷ୍ଠଥର ଫିଫା ବିଶ୍ୱକପ୍ ଖେଳିବେ। ଦଳର ମଙ୍ଗ ମଧ୍ୟ ଧରିଛନ୍ତି। ସମ୍ଭବତ ଏହା ତାଙ୍କ ବିଦାୟୀ ବିଶ୍ୱକପ୍ ହୋଇପାରେ। ତେଣୁ ବିଦାୟୀ ବେଳରେ ମେସି ଆର୍ଜେଣ୍ଟିନାକୁ ଆଉଥରେ ଫିଫା ବିଶ୍ୱକପ୍ ମୁକୁଟ ପିନ୍ଧାଇବାର ଇଚ୍ଛା ରଖିଛନ୍ତି। ଆମେରିକାର ୧୧ଟି ସହର, ମେକ୍ସିକୋର ୩ଟି ଏବଂ କାନାଡ଼ାର ୨ଟି ସହରରେ ବିଶ୍ୱକପର ୧୦୪ଟି ମ୍ୟାଚ୍ ଖେଳାଯିବ। ଏଥର ଫିଫା ବିଶ୍ୱକପରେ ବିଶ୍ୱବାସୀ ଦେଖିବେ ୩ ଟି ଉଦଘାଟନୀ ଉତ୍ସବ। ପାଖାପାଖି ୩୮ ଦିନ ଧରି ଆମେରିକା ମହାଦେଶ ଫିଫା ଫିଭରରେ କମ୍ପିବ।




ନିକଟରେ ଆଇପିଏଲ୍ ଶେଷ ହୋଇଥିଲା। ସାରା ବିଶ୍ୱରେ ଆଇପିଏଲର ହଟଚମଟ ନ ଲିଭୁଣୁ ଫୁଟବଲ ଫିଭର ଆରମ୍ଭ ହେବାକୁ ଯାଉଛି। ଆଉ କିଛିଦିନର ବ୍ୟବଧାନ ପରେ ଫିଫା ବିଶ୍ୱକପର ୨୬ତମ ସଂସ୍କରଣ ଆରମ୍ଭ ହେବ। ଏଥର ୩ଟି ରାଷ୍ଟ୍ର ଫିଫା ବିଶ୍ୱକପ୍ ଆୟୋଜନ ଅଧିକାର ହାତେଇଛନ୍ତି। ଆମେରିକା ସହ ମେକ୍ସିକୋ ଏବଂ କାନାଡ଼ାରେ ଫିଫା ବିଶ୍ୱକପ୍ ଖେଳଯିବ।



ବିଶ୍ୱକପ୍ ଆୟୋଜନ ଅଧିକାର ହାତେଇବାକୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମରକ୍କୋ ସହ ଆମେରିକା ଓ ଏସିଆର ଏକାଧିକ ରାଷ୍ଟ୍ର ଫିଫା ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଥିଲେ। ଏନେଇ ଭୋଟିଂ ବି ହୋଇଥିଲା। ମସ୍କୋରେ ଅନୁଷ୍ଠିତ ୬୮ତମ ଫିଫା କଂଗ୍ରେସ ବୈଠକରେ ମୋଟ ୨୦୩ ଜଣ ଭୋଟିଂ ରାଇଟ୍ସ ଥିବା ସଦସ୍ୟ ଥିଲେ। ତେବେ କାନାଡ଼-ମେକ୍ସିକୋ-ଆମେରିକାକୁ ୨୦୩ ମଧ୍ୟରୁ ୧୩୪ଟି ଭୋଟ ମିଳିଥିଲା। ମରକ୍କୋ ଖାତାକୁ ୬୫ଟି ଭୋଟ ଯାଇଥିଲା। ଏହି ଆଧାରରେ ମରକ୍କୋକୁ ପଛରେ ପକାଇ କାନାଡ଼ା, ମେକ୍ସିକୋ ଓ ଆମେରିକା ଫିଫା ବିଶ୍ୱକପର ୨୬ତମ ସଂସ୍କରଣ ଆୟୋଜନ ଅଧିକାର ହାତେଇଥିଲେ। ଏହାପରେ ଫିଫାର ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ୩ ଆୟୋଜନ ରାଷ୍ଟ୍ର ଭ୍ରମଣ କରି ୧୬ଟି ଭେନ୍ୟୁ ଚୂଡ଼ାନ୍ତ କରିଥିଲେ। ଏହି ୩୮ ଦିନର ମହା ଲଢ଼େଇରେ ୪୮ ଦଳ ନିଜ ନିଜର ଶକ୍ତି ପ୍ରଦର୍ଶନ କରି ଟ୍ରଫି ତୋଳିଧରିବା ଲକ୍ଷ୍ୟରେ ରଣାଙ୍ଗନକୁ ଓହ୍ଲାଇବେ। ପୂର୍ବରୁ ୧୯୯୪ ମସିହାରେ ଆମେରିକା ଫିଫା ବିଶ୍ୱକପ୍ ଆୟୋଜନ କରିସାରିଛି। ପୁଣି ୩୨ ବର୍ଷ ପରେ ଆମେରିକାବାସୀ ଫିଫା ବିଶ୍ୱକପ୍ ଆୟୋଜନର ସ୍ୱର୍ଣ୍ଣିମ ସୁଯୋଗ ପାଇଛନ୍ତି। ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଫିଫା ବିଶ୍ୱକପ୍ ସାରା ବିଶ୍ୱର ଫୁଟବଲପ୍ରେମୀଙ୍କ ମନରେ ଛାଇଯିବ। ନିଜ ନିଜର ପସନ୍ଦର ଦଳ ତଥା ଖେଳାଳିଙ୍କୁ ସମର୍ଥନ ଦେବା ପାଇଁ ବିଶ୍ୱର କୋଣ ଅନୁକୋଣରୁ ଫୁଟବଲପ୍ରେମୀ ଆମେରିକା ଧାଇଁଆସିବେ। ଯୁଦ୍ଧ ବିଭିଷିକା ଭିତରେ ଫିଫା ଫୁଟବଲ ବିଶ୍ୱକପ୍ ଶାନ୍ତିର ବାର୍ତ୍ତା ବହନ କରିବ ବୋଲି ସମସ୍ତଙ୍କ ଆଶା।

## ୧୬ ସୁପର୍ ଭେନ୍ୟୁ

ଏଥର ଫିଫା ବିଶ୍ୱକପ ମୋଟ ୧୬ଟି ସହରରେ ଖେଳାଯିବ। ଅତ୍ୟାଧୁନିକ ସୁବିଧା ସୁଯୋଗ ଦୃଷ୍ଟିରୁ ଫିଫା ପକ୍ଷରୁ ଭେନ୍ୟୁ ଗୁଡ଼ିକ ଚୟନ କରାଯାଇଛି। ଆମେରିକାର ଡଲାସ ସ୍ଥିତ ଏଟି ଆଣ୍ଡ ଟି ଷ୍ଟାଡିୟମ (୯୪ ହଜାର ଦର୍ଶକ କ୍ଷମତ), ମେକ୍ସିକୋ ସିଟି ଷ୍ଟାଡିୟମ (୮୩ ହଜାର ଦର୍ଶକ କ୍ଷମତା), ନ୍ୟୁୟର୍କ ନ୍ୟୁଜର୍ସି ଷ୍ଟାଡିୟମ (୮୨,୫୦୦ ଦର୍ଶକ କ୍ଷମତା), ଆଟଲାଣ୍ଟା ଷ୍ଟାଡିୟମ (୭୫ ହଜାର ଦର୍ଶକ କ୍ଷମତା), କନସାସ ସିଟି ଷ୍ଟାଡିୟମ (୭୩ ହଜାରେ ଦର୍ଶକ କ୍ଷମତା), ହଷ୍ଟନ ଷ୍ଟାଡିୟମ (୭୨ ହଜାର ଦର୍ଶକ କ୍ଷମତା), ସାନ ଫ୍ରନସିସ୍କୋ ଏରିଆ ଷ୍ଟାଡିୟମ (୭୧ ହଜାର ଦର୍ଶକ କ୍ଷମତା), ଲସ ଏଞ୍ଜେଲ୍ସ ଷ୍ଟାଡିୟମ (୭୦ ହଜାର ଦର୍ଶକ କ୍ଷମତା), ଫିଲାଡେଲଫିଆ ଷ୍ଟାଡିୟମ (୬୯ ହଜାର ଦର୍ଶକ କ୍ଷମତା), ସେଟେଲ ଷ୍ଟାଡିୟମ (୬୯ ହଜାର ଦର୍ଶକ କ୍ଷମତା), ବୋଷ୍ଟନ ଷ୍ଟାଡିୟମ (୬୫ ହଜାର ଦର୍ଶକ କ୍ଷମତା), ମିଆମିଁ ଷ୍ଟାଡିୟମ (୬୫ ହଜାର ଦର୍ଶକ କ୍ଷମତା), ବିପି ପ୍ଲେସ ଭାନକୋଭର ଷ୍ଟାଡିୟମ (୫୪ ହଜାର ଦର୍ଶକ କ୍ଷମତା), ଇଷ୍ଟାଡିଓ ମଣ୍ଟେରୀ ଷ୍ଟାଡିୟମ (୫୩,୫୦୦ ଦର୍ଶକ କ୍ଷମତା), ଇଷ୍ଟାଡିଓ ଗୁଡାଲଜାରା ଷ୍ଟାଡିୟମ (୪୮ ହଜାର ଦର୍ଶକ କ୍ଷମତା) ଏବଂ ଟରଣ୍ଟୋ ଷ୍ଟାଡିୟମ (୪୫ ହଜାର ଦର୍ଶକ କ୍ଷମତା) ରେ ବିଶ୍ୱକପ ଖେଳାଯିବ।

## ପ୍ରଥମ ଥର ୩ ଉଦଘାଟନୀ ଉତ୍ସବ

ଏଥର ବିଶ୍ୱକପରେ ୩ଟି ଉଦଘାଟନୀ ଉତ୍ସବ ଆୟୋଜନ ହେବ। ଯେହେତୁ ୩ଟି ରାଷ୍ଟ୍ର ମିଳିତ ଭାବେ ଫିଫା ବିଶ୍ୱକପ ଆୟୋଜନ କରୁଛନ୍ତି। ସେ ଦୃଷ୍ଟିରୁ ୩ଟି ଉଦଘାଟନୀ ଉତ୍ସବ ପାଇଁ ଯୋଜନା ହୋଇଛି। ମେକ୍ସିକୋରେ ଜୁନ ୧୧ରେ ପ୍ରଥମ ଉଦଘାଟନୀ ଉତ୍ସବ ହେବ। ଇଷ୍ଟାଡିଓ ବାନୋରଟେ ଷ୍ଟାଡିୟମରେ ହେବାକୁଥିବା ରଙ୍ଗାରଙ୍ଗ ଉତ୍ସବରେ ମେକ୍ସିକାନ ରକବ୍ୟାଣ୍ଡ ମାନା, ମେକ୍ସିକାନ ସିଙ୍ଗର ଆଲେକ୍ସଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍ ବେଲିଣ୍ଡା ଏବଂ ଲିଆ ଡନ୍ସ ନିଜର କାର୍ଯ୍ୟକ୍ରମ ପରିବେଷଣ କରିବେ। ଲସ ଆଲେଞ୍ଜର୍ସ ଆଜୁଲେସ, ଦକ୍ଷିଣ ଆଫ୍ରିକୀୟ ଗାୟକ ଟାଇଲା, କଲମ୍ବିଆ ଗାୟକ, ଜେ ବଲଭିନ ଏବଂ ଭେନଜୁଏଲା ଗାୟକ ଡାନି ଓସେନ ମୁଖ୍ୟ ଆକର୍ଷଣ ହେବେ। କାନାଡାରେ ଜୁନ ୧୨ରେ ଉଦଘାଟନୀ ଉତ୍ସବ ହେବ। ଟରଣ୍ଟୋ ସ୍ଥିତ ବିଏମଓ ଷ୍ଟାଡିୟମରେ କାନାଡା ଗାୟକ ଆଲାନିସ ମୋରିସଷ୍ଟେଲ, ଆଲସିଆ କାରା ଜେସିସ ରିଆଜ୍, ମିଚେଲ ବବୁଲ, ନୋରା ଫତେ ଏବଂ ଓ୍ୱିଲୟମ ପ୍ରିନ୍ସ, ପାଲେଷ୍ଟାଇନ ଗାୟକ ଇଲିଆନା, ବାଂଲାଦେଶୀ ଆମେରିକାନ ବିଜେ ସଞ୍ଜୟ ଏବଂ ଫ୍ରାନ୍ସ ଗାୟକ ଭେଗେଡିଲ ନୃତ୍ୟଗୀତ ପରିବେଷଣ କରିବେ। ସେହି ସମାନଦିନ ଆମେରିକାରେ ମଧ୍ୟ ଉଦଘାଟନୀ ଉତ୍ସବ ଲସ ଏଞ୍ଜେଲର୍ସର ସୋଫି ଷ୍ଟାଡିୟମରେ ହେବ। ଆମେରିକା ଗାୟକ କାଟିପେରି, ବେଲିଡ୍ୟାନ୍ସ, ବ୍ରାଜିଲ ଗାୟକ ଆନିଟା, ନାଇଜେରିଆ ଗାୟକ ରିମା ଏବଂ ଦ.ଆଫ୍ରିକା ଗାୟକ ଟାଏଲା କାର୍ଯ୍ୟକ୍ରମ ପରିବେଷଣ କରିବେ।

## ୧୩ କିମ୍ବଦନ୍ତୀଙ୍କ ଶେଷ ବିଶ୍ୱକପ୍ !

ଫିଫା ବିଶ୍ୱକପ୍ ଫୁଟବଲ ଇତିହାସରେ ନୂଆ ଅଧ୍ୟାୟ ଯୋଡି ହେବାକୁ ଯାଉଛି। ଆମେରିକା , କାନାଡା ଓ ମିକ୍ସିକୋ ମିଳିତ






# କେଉଁ ଗ୍ରୁପରେ କିଏ

ଗ୍ରୁପ ଏ: ମେକ୍ସିକୋ, ଦ.ଆଫ୍ରିକା, ଦ.କୋରିଆ, ଚେକ ଗଣରାଜ୍ୟ
ଗ୍ରୁପ ବି: କାନାଡା, ବୋସନିଆ-ହର୍ଜଗୋଭିନା, କାତାର, ସ୍ୱିଜରଲାଣ୍ଡ
ଗ୍ରୁପ ସି: ବ୍ରାଜିଲ, ମରକୋ, ହାଇତି, ସ୍କଟଲାଣ୍ଡ
ଗ୍ରୁପ ଡି: ଆମେରିକା, ପାରାଗୁଏ, ଅଷ୍ଟ୍ରେଲିଆ, ତୁର୍କୀ
ଗ୍ରୁପ ଇ: ଜର୍ମାନୀ, କୁରାକାଓ, ଆଇଭରିକୋଷ୍ଟ, ଇକ୍ୱାଡର
ଗ୍ରୁପ ଏଫ: ନେଦରଲାଣ୍ଡସ, ଜାପାନ, ସ୍ୱିଡେନ, ତୁନିସିଆ
ଗ୍ରୁପ ଜି: ବେଲଜିୟମ, ଇଜିପଫ, ଇରାନ, ନ୍ୟୁଜିଲାଣ୍ଡ
ଗ୍ରୁପ ଏଚ: ସ୍ପେନ, କେପ ଭର୍ଡି, ସାଉଦିଆରବ, ଉରୁଗୁଏ
ଗ୍ରୁପ ଆଇ: ଫ୍ରାନ୍ସ, ସେନେଗାଲ, ଇରାକ, ନରେଓ୍ୱ
ଗ୍ରୁପ ଜେ: ଆର୍ଜେଣ୍ଟିନା, ଆଲଜେରିଆ, ଅଷ୍ଟ୍ରିୟା, ଜୋର୍ଡାନ
ଗ୍ରୁପ କେ: ପର୍ତ୍ତୁଗୁଲ, ଡିଆରକଙ୍ଗୋ, ଉଜବେକିସ୍ତାନ, କଲମ୍ବିଆ
ଗ୍ରୁପ ଏଲ୍: ଇଂଲଣ୍ଡ, କ୍ରୋଏସିଆ, ଘାନା, ପାନାମା




ଭାବେ ଫିଫା ବିଶ୍ୱକପ୍ ଆୟୋଜନ କରିବେ। ତେବେ ଏହି ବଡ ଆୟୋଜନ ସହିତ ଫୁଟବଲ ଜଗତରେ ଯୁଗାବସାନ ହେବ ବୋଲି କୁହାଯାଉଛି। ବିଶ୍ୱ ଫୁଟବଲର ସବୁଠୁ ପ୍ରସିଦ୍ଧ ଏବଂ ପ୍ରତିଭାବାନ ୧୩ ଜଣ ଖେଳାଳିଙ୍କ ପାଇଁ ଏହା ଶେଷ ବିଶ୍ୱକପ୍ ହୋଇପାରେ।

**୧. ଲିଓନେଲ ମେସି(୩୯ ବର୍ଷ -ଆର୍ଜେଣ୍ଟିନା):** ୨୦୨୨ କାତାର ଫିଫା ବିଶ୍ୱକପ୍ ବିଜେତା ଲିଓନେଲ ମେସି ଦେଶର ଟାଇଟଲ ରକ୍ଷା କରିବା ପାଇଁ ପଡିଆକୁ ଓହ୍ଲାଇବେ। ନିଜର ଦୀର୍ଘ ଦିନର ପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହ ସେ ରେକର୍ଡ ଷଷ୍ଠ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଆର୍ଜେଣ୍ଟିନା ଦଳ ସମ୍ପୂର୍ଣ୍ଣ ରୂପେ ମେସିଙ୍କ ଉପରେ ନିର୍ଭରଶୀଳ। ଆଧୁନିକ ଫୁଟବଲର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଭାବେ ଏହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ଅଧ୍ୟାୟ ହୋଇପାରେ।

**୨. କ୍ରିଷ୍ଟିଆନୋ ରୋନାଲ୍ଡୋ (୪୧ ବର୍ଷ -ପର୍ତ୍ତୁଗାଲ):** ପର୍ତ୍ତୁଗାଲ ଅଧିନାୟକ ରୋନାଲ୍ଡୋ ଷଷ୍ଠ ଥର ପାଇଁ ବିଶ୍ୱକପ୍ ଖେଳିବେ। ବର୍ତ୍ତମାନ ସାଉଦି ପ୍ରୋ ଲିଗରେ ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖିଥିବା ରୋନାଲ୍ଡୋ ପୂର୍ବରୁ କହିସାରିଛନ୍ତି ଯେ, ଏହା ତାଙ୍କର ଶେଷ ବଡ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ହେବ। ତାଙ୍କର ଟ୍ରଫି ତାଲିକାରେ କେବଳ ଏହି ବିଶ୍ୱକପ୍ ଟ୍ରଫିର ଅଭାବ ରହିଛି।

**୩. ଲୁକା ମୋଡ୍ରିଚ(୪୦ ବର୍ଷ):** କ୍ରୋଏସିଆର ଅଧିନାକ ତଥା ମିଡ ଫିଲ୍ଡର ମୋଡ୍ରିଚ୍ ପଞ୍ଚମ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୨୦୧୮ ରେ ଦଳକୁ ରନର୍ସଅପ ଏବଂ ୨୦୨୨ ରେ ତୃତୀୟ ସ୍ଥାନରେ ପହଞ୍ଚାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଆହତ ସମସ୍ୟା ଦେଇ ଗତି କରିଥିଲେ ମଧ୍ୟ ସେ ଦଳକୁ ଫେରିଛନ୍ତି। ଏହି ବିଶ୍ୱକପ ପରେ ସେ ସନ୍ୟାସ ନେବାକୁ ଯୋଜନା କରୁଛନ୍ତି।

**୪. ମାନୁଏଲ ନୁୟର(୪୦ ବର୍ଷ -ଜର୍ମାନୀ):** ଜର୍ମାନୀରେ କିମ୍ବଦନ୍ତୀ ଗୋଲ କିପର ସନ୍ୟାସରୁ ଫେରିଛନ୍ତି। ମ୍ୟାନେଜରଙ୍କ ଅନୁରୋଧ କ୍ରମେ ସେ ପଞ୍ଚମ ଥର ପାଇଁ ଫିଫା ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୨୦୧୪ ବିଶ୍ୱକପ୍ ବିଜେତା ଜର୍ମାନୀ ଦଳର ସଦସ୍ୟ ଥିବା ନୁଏରଙ୍କ ଏହା ଶେଷ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ହେବ।

**୫. ଗୁଇଲେରମୋ ଓଚୋଆ (୪୦ ବର୍ଷ -ମେକ୍ସିକୋ) :** ମେକ୍ସିକୋର ଏହି ଗୋଲକିପର ମେଗା ଟୁର୍ଣ୍ଣାମେଣ୍ଟରେ ନିଜର ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ ପାଇଁ ଜଣାଶୁଣା। ୪୦ ବର୍ଷ ବୟସରେ ମଧ୍ୟ ଦଳ ତାଙ୍କ ଅଭିଜ୍ଞତା ଉପରେ ସମ୍ପୂର୍ଣ୍ଣ ଭରସା କରିଛି। ନିଜ ଘରୋଇ ମାଟିରେ ଖେଳାଯାଉଥିବା ଏହି ବିଶ୍ୱକପ ତାଙ୍କ କ୍ୟାରିୟରର ଶେଷ ବିଶ୍ୱକପ୍ ହେବ।

**୬. ନେମାନର ଜୁନିୟର(୩୪ ବର୍ଷ -ବ୍ରାଜିଲ):** ଆହତ ସମସ୍ୟା ଏବଂ ଫର୍ମକୁ ନେଇ ସଂଘର୍ଷ କରୁଥିବା ବ୍ରାଜିଲର ଫୁଟବଲ ତାରକା ନେମାର ଏଥର ବିଶ୍ୱକପ ପରେ ଅବସର ନେବାକୁ ଯୋଜନା କରୁଛନ୍ତି। ଦେଶର ବେଞ୍ଚ ମାର୍କ ଆଶା ଏବଂ ମାନସିକ ଚାପ ଯୋଗୁଁ ୨୦୨୬ ବିଶ୍ୱକପ୍ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇପାରେ।

**୭. ମହମ୍ମଦ ସଲାହ(୩୩ ବର୍ଷ - ଇଜିଟ):** ଲିଭର ପୁଲର ଏହି ତାରକା ଫରଓ୍ୱାର୍ଡ ଏବେ ନିଜ ଫର୍ମର ଶୀର୍ଷରେ ଅଛନ୍ତି। କିନ୍ତୁ ବୟସ ଓ ଆଗାମୀ ୪ ବର୍ଷର ବିଶ୍ୱକପ ଚକ୍ରକୁ ଦେଖିଲେ ୨୦୨୬ ହିଁ ତାଙ୍କ ପାଇଁ ବିଶ୍ୱ ମଞ୍ଚରେ ଇଜିପଟକୁ ପ୍ରତିନିଧିତ୍ୱ କରିବାର ଶେଷ















ସୁଯୋଗ ବୋଲି କୁହାଯାଉଛି।

**୮.କାଶେମିରୋ (୩୪ ବର୍ଷ-ବ୍ରାଜିଲ):** କାଶେମିରୋ ଚତୁର୍ଥ ଫିଫା ବିଶ୍ୱକପ୍ ଖେଳିବେ। ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଏହା ଶେଷ ବିଶ୍ୱକପ୍ ହୋଇପାରେ ବୋଲି ଆଶା କରାଯାଉଛି। ବ୍ରାଜିଲରେ ଯୁବ ମିଡ ଫିଲ୍ଡରଙ୍କ ଅଭାବ ନାହିଁ। ତଥାପି କାଶେମିରୋଙ୍କ ଅଭିଜ୍ଞତା ଏବଂ ନେତୃତ୍ୱ ଦଳ ପାଇଁ ଅତ୍ୟନ୍ତ ମୂଲ୍ୟବାନ।

**୯.କେଭିନୋଡି ବ୍ରୁଇନ୍ (୩୫ ବର୍ଷ - ବେଲଜିୟମ) :** ବେଲଜିୟମର ଗୋଲ୍ଡେନ ଜେନେରେସନ୍ ସବୁଠାରୁ ପ୍ରଭାବଶାଳୀ ମିଡ ଫିଲ୍ଡର ଡି ବ୍ରୁଇନ୍ ବିଗତ କିଛି ବର୍ଷ ହେବ ଆହତ ସମସ୍ୟା ଦେଇ ଗତି କରୁଛନ୍ତି।୨୦୨୬ ବିଶ୍ୱକପରେ ଦଳକୁ ଏକ ବଡ ସଫଳତା ଦେଇ ସେ ନିଜର ବିଶ୍ୱକପ୍ ଯାତ୍ରା ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।

**୧୦. ଭିର୍ଜିଲଭାନ ଡାଇକ(୩୪ ବର୍ଷ - ନେଦରଲ୍ୟାଣ୍ଡ):** ନେଦରଲ୍ୟାଣ୍ଡସର ତାରକା ଡିଫେଣ୍ଡର ତଥା ଅଧିନାୟକ ଭାନ ଡାଇକ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡିଫେଣ୍ଡର। ୩୪ ବର୍ଷ ବୟସରେ ପହଞ୍ଚିଥିବା ଏହି ଖେଳାଳିଙ୍କ ପାଇଁ ଏହା ସମ୍ଭବତଃ ଶେଷ ବିଶ୍ୱକପ୍ ହେବାକୁ ଯାଉଛି। ପୂର୍ବରୁ ଆହତ କାରଣରୁ ସେ ଅନେକ ଟୁର୍ଣ୍ଣାମେଣ୍ଟ ଖେଳିପାରିନଥିଲେ।

**୧୧. ଜେମ୍ସ ରୋଡ୍ରିଗୁଏଜ୍(୩୪ ବର୍ଷ - କଲମ୍ବିଆ):** ୨୦୧୪ ଫିଫା ବିଶ୍ୱକପର ଗୋଲ୍ଡେନ୍ ବୁଟ୍ ବିଜେତା ଜେମ୍ସ ରୋଡ୍ରିଗୁଏଜ୍ କଲମ୍ବିଆର ଏକ ବଡ ନାମ। ନିଜର ଚମତ୍କାର ପାସିଂ ଏବଂ ଫ୍ରି କିକ୍ ପାଇଁ ଜଣାଶୁଣା ଜେମ୍ସଙ୍କ ଲାଗି ଏହି ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଶେଷ ହୋଇପାରେ।

**୧୨.ନିକୋଲାସ ଓଟାମେଣ୍ଡି(୩୮ ବର୍ଷ-ଆର୍ଜେଣ୍ଟିନା) :** ଆର୍ଜେଣ୍ଟିନାର ଏହି ଅଭିଜ୍ଞ ଏବଂ ଆଗ୍ରେସିଭ ଡିଫେଣ୍ଡର ଗତ ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମେସିଙ୍କ ଭଳି ତାଙ୍କର ମଧ୍ୟ ଏହା ଶେଷ ବିଶ୍ୱକପ୍ ହେବ। ବିଜୟର ସହ ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବାକୁ ସେ ଚାହିଁବେ।

**୧୩. ସନ ହେଉଙ୍ଗମିନ(୩୩ ବର୍ଷ- ଦ.କୋରିଆ):** ଏସିଆ ମହାଦ୍ୱୀପର ସବୁଠାରୁ ପ୍ରଭାବଶାଳୀ ତଥା ସଫଳ ଖେଳାଳିଙ୍କ ମଧ୍ୟରୁ ସନ୍ ଅନ୍ୟତମ। ଏହିଷ୍ଟାର ଫରୱାର୍ଡ ଦ. କୋରିଆ ଦଳର ମେରୁଦଣ୍ଡ। ୨୦୨୬ ବିଶ୍ୱକପ୍ ବେଳକୁ ତାଙ୍କୁ ୩୩ ବର୍ଷ ହେବ। ନିଜର ଦ୍ରୁତ ଗତି ଚମକିାର ଗୋଲ କରିବା ଶୈଳୀ ପାଇଁ ଜଣାଶୁଣା। ସନଙ୍କ ଲାଗି ଏହା ଶେଷ ବିଶ୍ୱକପ୍ ମଞ୍ଚ ହୋଇପାରେ। ୨୦୨୬ ଫିଫା ବିଶ୍ୱକପ୍ କେବଳ ଟ୍ରଫି ଲଢେଇ ନୁହେଁ ବରଂ ଏହା ବିଶ୍ୱ ଫୁଟବଲକୁ ଦୁଇ ଦଶନ୍ଧି ଧରି ଚଳାଇ ଆସୁଥିବା ମହାନ ଖେଳାଳିଙ୍କୁ ଭାବପୂର୍ଣ୍ଣ ବିଦାୟ ଜଣାଇବାର ଏକ ଐତିହାସିକ ମଞ୍ଚ ହେବାକୁ ଯାଉଛି।

## ଜୀ'ରେ ବିଶ୍ୱକପ ପ୍ରସାରଣ

ଭାରତରେ ଫିଫା ୱାର୍ଲ୍ଡ କପ୍ ୨୦୨୬ର ପ୍ରସାରଣ କିଏ କରିବ? ସେନେଇ ଲାଗି ରହିଥିବା ଅନିଶ୍ଚିତତା ଏବେ ଦୂର ହୋଇଛି। କାରଣ ଭାରତରେ ଫୁଟବଲ ବିଶ୍ୱକପର ପ୍ରସାରଣ ପାଇଁ ମିଳିଯାଇଛି ବ୍ରଡକାଷ୍ଟର। ଜୁନ୍ ୧୧ରୁ ଆରମ୍ଭ ହେଉଥିବା ଫୁଟବଲ ମହାକୁମ୍ଭର ପ୍ରସାରଣ କରିବ ଜି ଏଣ୍ଟରଟେନମେଣ୍ଟର ନୂଆ ସ୍ପୋର୍ଟସ ଚ୍ୟାନେଲ (ୟୁନାଇଟ୮ ସ୍ପୋର୍ଟସ)। କମ୍ପାନୀ ମ୍ୟାଚ୍ ଟେଲିକାଷ୍ଟ ପାଇଁ ରାଇଟସ କିଣିନେଇଛି। ପ୍ରକୃତରେ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜେସ ଲିମିଟେଡ ଅର୍ଥାତ୍ ଫିଫା ଓ୍ୱାର୍ଲ୍ଡ କପ୍ ରାଇଟସ କିଣିଛି। ନୂଆ ଲଞ୍ଚ ହୋଇଥିବା ଟିଭି ଚ୍ୟାନେଲରେ ଫୁଟବଲ ବିଶ୍ୱ କପ୍ ମ୍ୟାଚର ପ୍ରସାରଣ ହେବ। ସେହିଭଳି ୪୮ ଟିମ୍ ଥିବା ଏହି ବିଶାଳ ଟୁର୍ଣ୍ଣାମେଣ୍ଟର ଲାଇଭ ଷ୍ଟ୍ରିମିଂ ଆପଣଙ୍କୁ ଦେଖିବାକୁ ମିଳିବ। ଜୁନ ୧୧ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଥିବା ବେଳେ, ଆମେରିକା, ମେକ୍ସିକୋ ଏବଂ କାନାଡା ମିଶି ଏହାକୁ ଆୟୋଜନ କରୁଛନ୍ତି।

# ୧୯୦ କୋଟିର ଟ୍ରଫି



ଚଳିତବର୍ଷ ଫୁଟବଲର ମହାକୁମ୍ଭ ଆମେରିକା, ମେକ୍ସିକୋ ଓ କାନାଡାର ୧୬ ଟି ସହରରେ ଖେଳାଯିବ। ତେବେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଆସନ୍ତୁ ଜାଣିବା ଏହାର ଟ୍ରଫି ସମ୍ପର୍କରେ, ଯାହାକୁ ଜିତିବା ପାଇଁ ଏ ବର୍ଷ ୪୮ ଟି ଟିମ୍ ମୁହାଁମୁହିଁ ହେବେ। ଫୁଟବଲ ଓ୍ୱାର୍ଲଡ କପ୍ ଟ୍ରଫିର ମୂଲ୍ୟ ପ୍ରାୟ ୨୦ ନିୟୁତ ଡଲାର ବା ୧୯୦ କୋଟି ଟଙ୍କା। ଟ୍ରଫିର ଉଚ୍ଚତା ୧୪.୫ ଇଞ୍ଚ ହୋଇଥିବା ବେଳେ ଏହାର ଓଜନ ୬.୧ କେଜି। ଏହି ଟ୍ରଫିଟି ୧୮ କ୍ୟାରେଟ୍ ସୁନା ଓ ମେଲାକାଇଟ୍ ପଥରରେ ତିଆରି ହୋଇଛି। ଫୁଟବଲ ଓ୍ୱାର୍ଲଡ କପ୍ ଟ୍ରଫିଟି ଫମ୍ପା। କାରଣ ଯଦି ଏହା କେବଳ ସୁନା ଓ ପଥରରେ ତିଆରି ହୋଇଥାନ୍ତା ଏହାର ଓଜନ ୭୦ରୁ ୮୦ କେଜି ହୋଇଥାନ୍ତା, ଯାହାକୁ ତଳୁ ଉଠାଇବା ଖେଳାଳିଙ୍କ ଲାଗି କଷ୍ଟକର ହୋଇଥାନ୍ତା। ଏହି ଟ୍ରଫି ୧୯୭୪ ମସିହାରୁ ବ୍ୟବହାର ହୋଇ ଆସୁଛି। ଏହାକୁ ଇଟାଲୀୟ କମ୍ପାନୀ ଜିଡିଇ ବେର୍ଟୋନୀ ତିଆରି କରିଥିଲା। ଫୁଟବଲ ଓ୍ୱାର୍ଲଡ କପ୍ ବିଜେତା ଟିମ୍‌କୁ କେବେ ଅସଲି ଟ୍ରଫି ଦିଆଯାଏନି। ଏହା ବଦଳେ ଟିମ୍ ଟ୍ରଫିର ରିପ୍ଲିକା ନେଇଥାନ୍ତି। ଅସଲି ଟ୍ରଫି ବର୍ଷ ତମାମ ଜ୍ୟୁରିକ୍ ସ୍ଥିତ ଫିଫା ଓ୍ୱାର୍ଲଡ କପ୍ ମ୍ୟୁଜିୟମରେ ରହିଥାଏ। ଏହି ଫୁଟବଲ ଓ୍ୱାର୍ଲଡ କପ୍ ଟ୍ରଫିକୁ ଛୁଇଁବା ବି ଏତେ ସହଜ କଥା ନୁହେଁ। ଏହାକୁ ଛୁଇଁବାର ଅଧିକାର ମାତ୍ର କିଛି ବିଶେଷ ଲୋକଙ୍କର ରହିଛିଛ ଏହି ଫୁଟବଲ ଟ୍ରଫିକୁ କେବଳ ଖେଳାଳି ଓ ଜାତୀୟ ନେତାମାନେ ଛୁଇଁ ପାରିବେ। ଏହାକୁ ବିଶ୍ୱ କ୍ରିଡ଼ା ଜଗତର ସବୁଠୁ ଆଇକନିକ୍ ଟ୍ରଫି ମନେ କରାଯାଏ।

## ୨୦୩୪ ପର୍ଯ୍ୟନ୍ତ ଡିଲ୍

କମ୍ପାନୀ ଏହା ମଧ୍ୟ ଘୋଷଣା କରିଛି ଯେ, ସେ ଭାରତୀୟ ବଜାରରେ ୨୦୨୬ ହିଁ ନୁହେଁ ବରଂ ୨୦୩୦ ଫିଫା ବିଶ୍ୱ କପ୍, ୨୦୨୭ ଫିଫା ମହିଳା ବିଶ୍ୱକପ୍ ଏବଂ ୨୦୩୪ ପର୍ଯ୍ୟନ୍ତ ଅନ୍ୟ ପ୍ରମୁଖ ଫିଫା ଇଭେଣ୍ଟର ମଧ୍ୟ ପ୍ରସାରଣ କରିବ। ଏଥିରେ ଡକ୍ୟୁମେଣ୍ଟାରୀ କଣ୍ଟେଣ୍ଟ ମଧ୍ୟ ରହିଛି। ଫିଫା ବିଶ୍ୱ କପ୍ (ପୁରୁଷ ଏବଂ ମହିଳା) ବ୍ୟତୀତ ୧୭ବର୍ଷରୁ କମ୍ ବିଶ୍ୱ କପ୍, ମହିଳା- ୧୭ ବିଶ୍ୱ କପ୍, ଟି- ୨୦ ବିଶ୍ୱ କପ୍, ମହିଳା ଟି- ୨୦ ବିଶ୍ୱ କପ୍, ଫୁଟସାଲ ବିଶ୍ୱ କପ୍, ଫୁଟସାଲ ମହିଳା ବିଶ୍ୱ କପ୍ ଏବଂ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ମଧ୍ୟ ନୂଆ ସ୍ପୋର୍ଟସ ଚ୍ୟାନେଲରେ ପ୍ରସାରଣ ହେବ। ସିଇଓ ପୁନୀତ ଗୋୟଙ୍କା କହିଛନ୍ତି ଆମେ ଦୁନିଆର ସବୁଠୁ ବଡ଼



ସ୍ପୋର୍ଟସ ଇଭେଣ୍ଟ ମଧ୍ୟରୁ ଗୋଟିଏକୁ ଭାରତୀୟ ଦର୍ଶକଙ୍କ ପାଇଁ ଆଣିବା ପାଇଁ ଉତ୍ସାହିତ।

## କ'ଣ ଥିଲା ଅସୁବିଧା?

ସୂଚନାଥାଉକି, ଫିଫା ବିଶ୍ୱ କପର ସମୟ କାରଣରୁ ଭାରତରେ ବ୍ରଡକାଷ୍ଟରକୁ ନେଇ ଅଡୁଆ ଲାଗିରହିଥିଲା। କାରଣ ଟୁର୍ଣ୍ଣାମେଣ୍ଟର ପ୍ରତ୍ୟେକ ମ୍ୟାଚ ଭାରତୀୟ ସମୟ ଅନୁସାରେ ମଧ୍ୟରାତ୍ର ପରେ ହେଉଥିବାରୁ ଏହା ଏକ ସମସ୍ୟା ହୋଇ ରହିଥିଲା। ଏହି କାରଣରୁ ଜିଓହଟଷ୍ଟାର ଏବଂ ସୋନୀ ସ୍ପୋର୍ଟସ ଭଳି ବଡ଼ କମ୍ପାନୀ ମଧ୍ୟ ରାଇଟ୍ସ କିଣିବାକୁ ପଛରୁ ହଟିଯାଇଥିଲେ। ଆହୁରି ମଧ୍ୟ ୨୦୨୬ ଏବଂ ୨୦୩୦ ବିଶ୍ୱ କପ୍ ପାଇଁ ଫିଫା ୧୦୦ ମିଲିୟନ ଡଲାର ଦାବି କରିଥିଲା। ଫଳରେ ରାଇଟ୍ସ କିଣିବା ଆହୁରି ମୁସ୍କିଲ ହୋଇପଡ଼ିଥିଲା। ଅବଶ୍ୟ ପରେ ଏହି ଦାବିକୁ ୬୦ ମିଲିୟନ କରାଯାଇଥିଲା। ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଜିଓହଟଷ୍ଟା ୨୦ ମିଲିୟନ ଡଲାର ଅଫର କରିଥିଲା।

## ଭାରତର ସ୍ୱପ୍ନ ଅଧୁରା

ଫିଫା ବିଶ୍ୱକପ୍ ଆସିଲେ ଭାରତରେ ସୁନ୍ଦର ଖେଳ ଫୁଟବଲର ଶୋଚନୀୟ ସ୍ଥିତି ଅପଣାଛାଏଁ ମନକୁ ଆସିଯାଏ। ଅନ୍ତର୍ଜାତୀୟ ପଦାର୍ପଣର ୭୮ ବର୍ଷ ପରେ ମଧ୍ୟ ବିଶ୍ୱର ସବୁଠାରୁ ଜନବହୁଳ ଦେଶ ବ୍ରହ୍ମାଣ୍ଡର ସବୁଠାରୁ ଲୋକପ୍ରିୟ ଖେଳର ବିଶ୍ୱ ଲଢ଼େଇରେ ଥରେ ମାତ୍ର ବି ସାମିଲ ନହେବାର ଦୁଃଖ ଓ ଅବସୋସ ମଧ୍ୟ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରେ। ଏଭଳି ସ୍ଥିତିରେ ୭୬ ବର୍ଷ ତଳେ ଅର୍ଥାତ୍ ୧୯୫୦ରେ ମିଳିଥିବା ବିଶ୍ୱକପ୍ ଖେଳିବାର ସୁବର୍ଣ୍ଣ ସୁଯୋଗକୁ ଭାରତ ହାତଛଡ଼ା କରିବା ଏକ ମସ୍ତବଡ଼ ଭୁଲ୍ ଥିଲା ଭଳି ମନେହୁଏ। ସବୁଠାରୁ ପରିତାପର ବିଷୟ ହେଉଛି ଭାରତ ବିଗତ ୭ ଦଶନ୍ଧିରୁ ଅଧିକ ସମୟ ଭିତରେ ବିଶ୍ୱକପ୍ ଟିକେଟ ହାସଲ କରିପାରି ନଥିଲା ବେଳେ ଆଗାମୀ ଅନେକ ଦଶନ୍ଧି ପର୍ଯ୍ୟନ୍ତ ଏହାକୁ ଲାଭ କରିବାର ସମ୍ଭାବନା ବି କମ୍ ରହିଛି। ବିଡ଼ମ୍ବନାର ବିଷୟ ହେଉଛି କାନାଡା, ମେକ୍ସିକୋ ଓ ଆମେରିକାରେ ଜୁନ୍ ୧୧ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଫିଫା ବିଶ୍ୱକପର ୪୮ଟି ଦେଶର ମୋଟ ଜନସଂଖ୍ୟା ହେଉଛି ପାଖାପାଖି ୨୩୦ କୋଟି। ଏକାକୀ ଭାରତର ଜନସଂଖ୍ୟା ହେଉଛି ୧୪୭ କୋଟିରୁ ଅଧିକ। ଏଣୁ ଭାରତ ଭଳି ଦେଶ ବିଶ୍ୱକପ୍ ବାହାରେ ରହିବା କେବଳ ଘରୋଇ କ୍ରୀଡ଼ାପ୍ରେମୀ ନୁହନ୍ତି, ସମଗ୍ର କ୍ରୀଡ଼ା ଜଗତ ପାଇଁ ଏକ ବଡ଼ ଅନୁଶୋଚନାର ବିଷୟ ବୋଲି କୁହାଯାଇପାରେ।

୧୯୫୦ ମସିହା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତର ସବୁ ପ୍ରତିପକ୍ଷ ଓହରି ଯାଇଥିଲେ। ଫଳରେ ଭାରତ ସ୍ୱତଃପ୍ରବୃତ୍ତ ଭାବେ ବିଶ୍ୱକପର ଏହି ସଂସ୍କରଣ ଲାଗି ଯୋଗ୍ୟତା ଅର୍ଜନ କରିଥିଲା। ହେଲେ ଗସ୍ତ ଖର୍ଚ୍ଚ ବହନ କରିବାର କ୍ଷମତା ନଥିବାରୁ ସର୍ବଭାରତୀୟ ଫୁଟବଲ୍ ମହାସଂଘ ଦଳ ପଠାଇ ନଥିଲା। ପରେ କିନ୍ତୁ ଭାରତୀୟ ଦଳ ଖାଲିପାଦରେ ଖେଳୁଥିବାରୁ ଏଥିଲାଗି ଫିଫାର ଅନୁମତି ନଥିଲା ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହା ଗୁଜବ ବୋଲି ଜଣାପଡ଼ିଥିଲା। ସେବେଠାରୁ ଭାରତୀୟ ଫୁଟବଲ୍ ଦଳ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବା ଦୂରେ ଥାଉ, ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମାତ୍ର ଥରେ ପାର ହୋଇଛି। ୨୦୧୮ରେ ନେପାଳକୁ ୨-୦ରେ ହରାଇ ଭଭାରତୀୟ ଦଳ ଏହି ସଫଳତା ଲାଭ କରିଥିଲା।

ଭାରତୀୟ ଫୁଟବଲ୍ ଆଜି ସିନା ଅବକ୍ଷୟମୁଖୀ, ହେଲେ ଏହାର ଅତୀତ ବେଶ୍ ଗୌରବମୟ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବ୍ରିଟିସ୍ ସୈନିକଙ୍କ ଦ୍ୱାରା ଭାରତରେ ଫୁଟବଲ୍ ଖେଳର ଆରମ୍ଭ ହୋଇଥିଲା। କ୍ରମଶଃ କୋଲକାତା ଭାରତୀୟ ଫୁଟବଲର ପ୍ରମୁଖ ପୀଠସ୍ଥଳୀ ପାଲଟି ଯାଇଥିଲା। ଏଫ୍ଏ କପ୍ ଓ ସ୍କଟିସ୍ କପ୍ ପରେ ବିଶ୍ୱର ତୃତୀୟ ସର୍ବପୁରାତନ ଫୁଟବଲ୍ ପ୍ରତିଯୋଗିତା ୧୮୮୮ରେ ଡୁରାଣ୍ଡ କପ୍ ଭାରତରେ ହିଁ ଆରମ୍ଭ ହୋଇଥିଲା। ସେହି ସମୟରେ କାଲକାଟା ଏଫସି, ଡେଲହାଉସି କ୍ଲବ୍, ଟ୍ରେଡର୍ସ କ୍ଲବ୍, ନାଭାଲ ଭଲ୍ୟୁଣ୍ଟିଅର୍ସ କ୍ଲବ୍, ମୋହନ ବାଗାନ ଏଫସି ଭଳି ବହୁ ଫୁଟବଲ୍ ସଂଗଠନ ଗଠିତ ହୋଇଥିଲା। ଲୋକପ୍ରିୟତା ବଢ଼ିବା ସହ ୧୮୯୩ରେ ଭାରତୀୟ ଫୁଟବଲ୍ ସଂଘ ଗଠିତ ହୋଇଥିଲା। ହେଲେ ଏହାର ପରିଚାଳନା ବୋର୍ଡରେ ଜଣେ ହେଲେ ବି ଭାରତୀୟ ସଦସ୍ୟ ନଥିଲେ। କାଳକ୍ରମେ ଦକ୍ଷିଣ ଭାରତକୁ ମଧ୍ୟ ଫୁଟବଲ୍ ବ୍ୟାପ୍ତ ହୋଇଥିଲା। ୧୯୨୪ ପାଖାପାଖି ବ୍ରିଟିସ୍ ଓ ଭାରତୀୟ ଖେଳାଳିଙ୍କୁ ନେଇ ଏକାଧିକ ଦଳ ବିଦେଶ ଯାଇ ମ୍ୟାଚ୍ ଖେଳିଥିଲେ। ତେବେ ପୂର୍ଣ୍ଣାଙ୍ଗ ଭାରତୀୟ ଦଳ ୧୯୩୦ ମସିହା ପରଠାରୁ ହିଁ ବିଦେଶରେ ଯାଇ ଫୁଟବଲ୍ ଖେଳିବା ଆରମ୍ଭ କରିଥିଲା ବୋଲି କେତେକ ରେକର୍ଡରୁ ଜଣା ଯାଇଥାଏ। ୧୯୩୮ ମସିହାରେ ପରାଧୀନ ଭାରତର ପ୍ରଥମ ସଂଗଠିତ ଓ ଆନୁଷ୍ଠାନିକ ଦଳ ଅଷ୍ଟ୍ରେଲିଆ ଗସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିଥିଲା। ନ୍ୟୁକାସଲଠାରେ ୪-୧ରେ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ବିଜୟ ପାଇଥିଲା। ୧୯୪୮ ଅଲିମ୍ପିକ୍ସ ଖେଳିବାକୁ ଚୀନ ଦଳ ଲଣ୍ଡନ ଗସ୍ତ କରିବା ବାଟରେ ଭାରତରେ କିଛି ମ୍ୟାଚ ଖେଳିଥିଲା। ଏହି ଅଲିମ୍ପିକ୍ସ ହିଁ ଭାରତୀୟ ଫୁଟବଲ୍ ଦଳର ସବୁଠୁ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତା ଥିଲା।

## ନିଲାମ ହେବ ପେଲେଙ୍କ ଜର୍ସି

ନିଲାମ ହେବ କିମ୍ବଦନ୍ତୀ ଫୁଟବଲର ପେଲେଙ୍କ ଜର୍ସି। ୧୯୫୮ ଫିଫା ବିଶ୍ୱକପ୍ ଫାଇନାଲରେ ପେଲେ ପିନ୍ଧିଥିବା ଜର୍ସି ନିଲାମ ହେବାକୁ ଯାଉଛି। ଏହା ୬ ମିଲିୟନ ଡଲାରରୁ ଅଧିକ ଟଙ୍କାରେ ବିକ୍ରି ହେବ ବୋଲି ଆଶା କରାଯାଉଛି। ଏହି ଜର୍ସି ପାଇଁ ଜୁନ ୨୯ରୁ ଜୁଲାଇ ୧୬ ଯାଏଁ ନିଲାମୀ ପ୍ରକ୍ରିୟା ଚାଲିବ। ଏହା ସବୁଠୁ ଦାମୀ ଜର୍ସି ଭାବେ ରେକର୍ଡ କରିବ ବୋଲି ଫ୍ୟାନ୍ସ ଆଶା କରୁଛନ୍ତି। ଏହାପୂର୍ବରୁ ୨୦୨୨ରେ ଡିଏଗୋ ମାରାଡୋନାଙ୍କ ଜର୍ସି ୯.୨୮ ମିଲିୟନ ଡଲାରରେ ନିଲାମ ହୋଇଥିଲା। ଯାହା ଏବେସୁଦ୍ଧା ସବୁଠୁ ଦାମୀ ଜର୍ସିର ମାନ୍ୟତା ପାଇଛି। ପେଲେଙ୍କ ଜର୍ସି ଏହି ରେକର୍ଡ ଭାଙ୍ଗିବ ବୋଲି ଅନେକ କହୁଛନ୍ତି। ୧୯୫୮ରେ ବିଶ୍ୱକପ୍ ଖେଳିବା ସମୟରେ ପେଲେ ମାତ୍ର ୧୭ ବର୍ଷର ହୋଇଥିଲେ। ସେ ଦୁଇଟି ଗୋଲ୍ କରିଥିଲେ। ଫଳରେ ବ୍ରାଜିଲ୍ ୫-୨ରେ ସ୍ୱିଡେନକୁ ପରାସ୍ତ କରିଥିଲା। ସବୁଠୁ ଯୁବ ଖେଳାଳି ଭାବେ ସେ ବିଶ୍ୱକପ୍ ଫାଇନାଲରେ ଗୋଲ୍ କରିଥିଲେ। ଏହା ବ୍ରାଜିଲର ପ୍ରଥମ ବିଶ୍ୱକପ୍ ବିଜୟ ଥିଲା। ଏହି ସମୟରେ ପେଲେ ଯେଉଁ ଜର୍ସି ପିନ୍ଧିଥିଲେ ତାକୁ ସେ ନିଜର ସାଥୀ ଖେଳାଳି ଡିଡାଙ୍କୁ ପ୍ରଦାନ କରିଥିଲେ। ୧୯୯୩ ମସିହା ଯାଏଁ ଏହି ଜର୍ସି ଡିଡାଙ୍କ ପରିବାର ପାଖରେ ଥିଲା। ପରେ ସେ ଏହାକୁ ଏକ ମ୍ୟୁଜିୟମକୁ ପ୍ରଦାନ କରିଥିଲେ। ଯାହାପରେ ମ୍ୟୁଜିୟମ କର୍ତ୍ତୃପକ୍ଷ ଜର୍ସିକୁ ୨୦୦୪ରେ ୧୦୫୦୦୦ ଡଲାରରେ ନିଲାମ କରିଦେଇଥିଲେ।




ଏବେ ନିଲାମରେ ଜର୍ସି ନେଇଥିବା ବ୍ୟକ୍ତି ଏହାକୁ ପୁଣି ଥରେ ନିଲାମ କରିବାକୁ ଆଗଭର ଅଛନ୍ତି। ଏହା ପ୍ରଥମ ଥର ନୁହେଁ, ପୂର୍ବରୁ ୨୦୧୬ରେ ପେଲେଙ୍କ ୨୦୦୦ରୁ ଅଧିକ ସାମଗ୍ରୀର ନିଲାମୀ ହୋଇଥିଲା। ଏଥିରେ ବିଶ୍ୱକପ୍ ମେଡାଲ, ଟ୍ରଫି ଆଦି ରହିଥିଲା। ନିଲାମୀର ମୂଲ୍ୟ ୪.୨ ମିଲିୟନ ଡଲାର ହୋଇଥିଲା।



# ମୃଣାଳ

ଡ. ମ୍ରିନାଲ କୁମାର ଚାଟାର୍ଜୀ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

## ଓଡ଼ିଆ ସିନେମାର ପ୍ରଚାର

ଖୁସିର କଥା ସମ୍ପ୍ରତି କିଛି ଭଲ କଳାତ୍ମକ (ଆର୍ଟ ହାଉସ) ଓଡ଼ିଆ ଚଳଚ୍ଚିତ୍ର ତିଆରି ହେଉଛି ଓ ଦର୍ଶକଙ୍କ ପ୍ରିୟଭାଜନ ହେଉଛି ବୋଲି ସାମାଜିକ ଗଣମାଧ୍ୟମରୁ ସୂଚନା ମିଳୁଛି। କିନ୍ତୁ ଓଡ଼ିଆ ସିନେମାର ବିଶେଷ ପ୍ରଚାର ପ୍ରସାର ନାହିଁ। ସିନେମା ଟି କେଉଁଠି, କେତେବେଳେ ଚାଲୁଛି - ସେ ଖବରବି ସହଜରେ ମିଳେନି। ମୋର ମନେଅଛି ଆମ ପିଲାଦିନ। ରିକ୍ସାରେ ବସି ଲୋକଟିଏ କୋଉ ସିନେମା ହଲରେ କ'ଣ ପଡିଛି ପ୍ରଚାର କରୁଥିଲା। ଏବେ ଯେମିତି ହେଇ..ହେଇ..କହି ଯାତ୍ରା ଗାଡି ବୁଲୁଛି ସେଦିନ ସିନେମା ଗାଡିଟି ବୁଲୁଥିଲା। ଖବରକାଗଜରେ ବି କେଉଁ ସିନେମା ହଲରେ କି ସିନେମା କେତେବେଳେ ଚାଲୁଚି ତାହା ନିୟମିତ ପ୍ରକାଶିତ ହେଉଥିଲା। କାନ୍ଥବାଡ଼ରେ ପୋଷ୍ଟର ବି ଲାଗୁଥିଲା। ଏବେ ସେସବୁ ଆଉ ପ୍ରାୟ ନାହିଁ। ଜଣେ କେବଳ ଅନ-ଲାଇନରେ ଖୋଜିଲେ ଜାଣିବ। ମୋର ମନେହୁଏ ଓଡ଼ିଆ ସିନେମାର ପ୍ରଚାର ଏବଂ ପୃଷ୍ଠପୋଷକତା- ଉଭୟ ଦରକାର। ଦୈନିକ ସମ୍ବାଦପତ୍ରମାନେ କେଉଁଠି କି ସିନେମା ଚାଲୁଚି- ଏ ଖବର ନିୟମିତ ପ୍ରକାଶ କରି ପାରନ୍ତେ। ସାଧାରଣ ଲୋକେ ସାମାଜିକ ଗଣମାଧ୍ୟମରେ ଏହା କରି ପାରନ୍ତେ। ଭଲ ଓଡ଼ିଆ ସିନେମା ବିଷୟରେ ଡିଜିଟାଲ ଦୁନିଆରେ ଆଲୋଚନା କରି ପାରନ୍ତେ ଆଉ ପ୍ରେକ୍ଷାଳୟରେ ଯାଇ ସିନେମା ଦେଖିପାରନ୍ତେ।

## ଝାଏଁରେ

ଗତ ମେ ୨୪ ତାରିଖରେ ସମ୍ବଲପୁରରୁ ପ୍ରକାଶିତ ହାସ୍ୟବ୍ୟଙ୍ଗ ପତ୍ରିକା 'ଝାଏଁରେ'ର ଏକାଦଶ ବାର୍ଷିକ ଉତ୍ସବରେ ଯୋଗ ଦେବାକୁ ମୁଁ ସମ୍ବଲପୁର ଯାଇଥିଲି। 'ଝାଏଁରେ' ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଏକ ଶବ୍ଦ। ଏହାର ଅର୍ଥ ହେଲା: 'ହେଇ ଦେଖିଦେଲି'। ଛୋଟ ପିଲାଙ୍କ ଲୁଚକାଳି ଖେଳରେ ଲୁଚିଥିବା ପିଲାଟିକୁ କେହି ଦେଖିଦେଲେ ସେ କହେ - 'ଝାଏଁରେ'। ଇଂରାଜୀ ଭାଷାରେ ଏହାର ସମର୍ଥକ ଗୋଟେ ଶବ୍ଦ ଅଛି : 'ବୋ - ପିପ'। ଏ ଶବ୍ଦଟି ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ବ୍ୟବହାର ହେଉଥିବାର ମୁଁ ଜାଣି ନାହିଁ। ଏଇଠି ଆଉ ଗୋଟିଏ ପ୍ରସଙ୍ଗର ଅବତାରଣା କରିବାକୁ ଚାହୁଁଛି। ସମ୍ପ୍ରତି ଲେଖିକା ଶ୍ରୁତକୀର୍ତ୍ତି ତ୍ରିପାଠୀ ତାଙ୍କର ଏକ ନିବନ୍ଧରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏ ବିଷୟକୁ ରେଖାଙ୍କିତ କରିଛନ୍ତି : ମଣିଷର କଥିତ ଶବ୍ଦ କ୍ରମଶଃ ହଜିଯାଉଛି।

ଗବେଷକଙ୍କ ବକ୍ତବ୍ୟ ଅନୁସାରେ ମଣିଷର କଥିତ ଶବ୍ଦସଂଖ୍ୟା ୨୦୦୫ ମସିହା ପରଠାରୁ ହ୍ରାସ ପାଇବାରେ ଲାଗିଛି। ଦୈନିକ ୩୩୮ଟି କଥିତ ଶବ୍ଦ ମଣିଷ ହରାଉଛି। ହିସାବ କଲେ ବର୍ଷକୁ ପାଖାପାଖି ୧ ଲକ୍ଷ ୨୦ ହଜାର ଶବ୍ଦ ଅଦୃଶ୍ୟ ହେବାକୁ ଲାଗିଛନ୍ତି। ଭାଷା ଏବଂ ଶବ୍ଦର ସୃଷ୍ଟି ଭାବ ବିନିମୟ ପାଇଁ। ଯୋଗାଯୋଗ ପ୍ରଯୁକ୍ତି (କମ୍ୟୁନିକେସନ ଟେକ୍ନଲଜି) ଭାଷାକୁ ଦ୍ରୁତ ସଞ୍ଚାରିତ କରେ। ହେଲେ ବିଡ଼ମ୍ବନା ହେଉଛି, ମଣିଷ ଯେତେ ଆଧୁନିକତା ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପ୍ରଭାବିତ ହେଉଛି; କଥିତ ଶବ୍ଦର ପ୍ରୟୋଗ ସେତେ ହ୍ରାସ ପାଉଛି। ପରିଣାମ: ସରଳ, ସୁନ୍ଦର ଓ ହୃଦୟସ୍ପର୍ଶୀ ଅନେକ ଶବ୍ଦ ନିୟମିତ ବ୍ୟବହାରର ଅଭାବ ଯୋଗୁ ହଜି ଯିବାକୁ ବସିଲେଣି। ଶବ୍ଦ ଭାଷାକୁ ସମୃଦ୍ଧ କରେ, ଯୋଗାଯୋଗକୁ ବର୍ଣ୍ଣାଢ୍ୟ କରେ ଏବଂ ଅନୁଭୁତି ଓ ଅନୁଭବକୁ ସାନ୍ଦ୍ର କରେ। ଶବ୍ଦ ହଜିଗଲେ ଜୀବନ ବଡ଼ ନିରସ ଆଉ ବର୍ଣ୍ଣହୀନ ହୋଇଯିବ। 'ଝାଏଁରେ' ପଶ୍ଚିମ ଓଡ଼ିଶାରେ ପ୍ରଚଳିତ। ସାରା ଓଡ଼ିଶାରେ ଏହାକୁ ବ୍ୟବହାର କରନ୍ତୁ। ଓଡ଼ିଆ ଶବ୍ଦ ଭଣ୍ଡାରରେ ଆଉ ଗୋଟିଏ ଶବ୍ଦ ଯୋଡି ହୋଇ ଯିବ।

## ଦାୟିତ୍ୱ

ଦେଶର ସୁରକ୍ଷା ଦାୟିତ୍ୱ ସେନା ବାହିନୀର
ଲୋକଙ୍କ ସୁରକ୍ଷା ଦାୟିତ୍ୱ ପୋଲିସ ବାହିନୀର
ଦେଶ ପରିଚାଳନା କରିବାର ଦାୟିତ୍ୱ ଅମଲାମାନଙ୍କର
ଦେଶ ଶାସନ ଦାୟିତ୍ୱ ନେତାମାନଙ୍କର
ନେତାମାନଙ୍କୁ ଦିଶା ଦେଖାଇବାର ଦାୟିତ୍ୱ କର୍ପୋରେଟର
ଦେଶର ଭାବମୂର୍ତ୍ତି ବଢେଇବାର ଦାୟିତ୍ୱ ଚଳଚ୍ଚିତ୍ର ତାରକାମାନଙ୍କର
ନେତାଙ୍କ ଭାବମୂର୍ତ୍ତି ବଢେଇବାର ଦାୟିତ୍ୱ କର୍ପୋରେଟ-
ଚାଳିତ ମିଡିଆର
ଆଉ ଦେଶ ବଞ୍ଚେଇବାର ଦାୟିତ୍ୱ କେବଳ ଆଉ କେବଳ ଗରିବ
ଲୋକମାନଙ୍କର।

## ମାନବିକତା ବଞ୍ଚିଛି

ଆଜି ଭୁବନେଶ୍ୱର ଏକ ନମ୍ବର ହାଟରୁ କିଲେ ଡାଳପତ୍ର କିଣିଲି। ଘରକୁ ଆସି ଦେଖିଲି, ସେଥିରେ କିଛି ଲିଚୁ ଲଟକିଛି। ମାନବିକତା ଏଯାଏଁ ବଞ୍ଚିଛି।



## ଆତ୍ମାର ଶାନ୍ତି

ପ୍ଲସ ଟୁ ପରେ ବିଏ କରିବା ସେତିକି ଜରୁରୀ, ଯେତିକି ମଲାପରେ ଶ୍ରାଦ୍ଧ କରିବା। ହୁଏ କିଛି ନାହିଁ, ବାସ ଆତ୍ମାର ଶାନ୍ତି ହୋଇଯାଏ।

## ଅସରପା

ଅତି ପରିଚିତ ସୁପ୍ରାଚୀନ (ଅସରପା କୁଆଡ଼େ ଡାଇନୋସରଠୁ ପୁରୁଣା) 'ଅସରପା'କୁ ନେଇ ଏବେ ସାରା ଭାରତରେ ଭାରି ହଇଚଇ। ସୁପ୍ରୀମ କୋର୍ଟର ମୁଖ୍ୟ ବିଚାରପତିଙ୍କ 'ଅସରପା ମନ୍ତବ୍ୟ' ପରେ ଅନ-ଲାଇନରେ କକ୍ରୋଚ ଜନତା ପାର୍ଟି ତିଆରିହୋଇଗଲା। ତା'ର ଅନେକ ଫଲୋଅର ହୋଇଗଲେ। ସେମାନେ ଅନ-ଲାଇନରେ ଗୀତ ବାନ୍ଧି, କାର୍ଟୁନ, ମିମ୍ସ, ରିଲ ଇତ୍ୟାଦି କରି ଭାରି ଫୁଟେଜ ପାଇଲେ। ସେଥିକୁ କିଛି ରାଜନୈତିକ ଦଳ ଏବଂ ସେମାନଙ୍କ ସମର୍ଥକ ଭାରି ଖପ୍ପା ହେଲେ। ସେମାନେ କକ୍ରୋଚ ଜନତା ପାର୍ଟିର ଲୋକପ୍ରିୟତା କମେଇବା ପାଇଁ ଅନ-ଲାଇନରେ କ୍ୟାମ୍ପେନ ଆରମ୍ଭ କରିଦେଲେ। କେତେକେ ଦେଖାଶିଖାରେ ମୂଷା ଜନତା ପାର୍ଟି, ଏଣ୍ଡୁଅ ଜନତା ପାର୍ଟି, ବେଙ୍ଗ ଜନତା ପାର୍ଟି ଇତ୍ୟାଦି ଖୋଲି ପକେଇଲେ। ଏଥିକୁ ଅସରପା, ମୂଷା, ଏଣ୍ଡୁଅ, ବେଙ୍ଗ ଭଳି ପ୍ରାଣୀମାନେ ବହୁତ ଖୁସି ହୋଇଗଲେ। ସେମାନଙ୍କୁ ଏତେ ଫୁଟେଜ ଆଗରୁ କେବେ ମିଳି ନ ଥିଲା ତ !



ଆଚ୍ଛା, ଅସରପା ପାଖକୁ ଫେରେ। 'ଅସରପା'କୁ ଇଂରାଜୀରେ କକ୍ରୋଚ, ବଙ୍ଗଳାରେ 'ଆରସୋଲା', ହିନ୍ଦୀରେ 'ତେଲଚିଟ୍ଟା', ସଂସ୍କୃତରେ 'ତୈଳପାୟୀକା' ଆଉ ଆସାମୀ ଭାଷାରେ 'ପଇତାଚୋରା' ଆଉ 'ତେଲପୋକା' ବୋଲି କହନ୍ତି। ଅସରପାକୁ ଅନେକେ ତା ରୂପ ଗୁଣ ଆଉ ଚରିତ୍ର ପାଇଁ ଭଲ ପାଆନ୍ତି ନାହିଁ। ନବଘନର ପତ୍ନୀ ରଙ୍ଗବତୀ ଭଳି ଅନେକ ମହିଳା ଅସରପାକୁ ଭାରି ଡରନ୍ତି। ନବଘନ ଅବଶ୍ୟ ସେଥିପାଇଁ ଅସରପାଙ୍କ ପ୍ରତି କୃତଜ୍ଞ। କେହି ତ ରଙ୍ଗବତୀକୁ ଡରେଇ ପାରୁଛି ! ଅସାରପାଙ୍କୁ ଶ୍ରଦ୍ଧା କରୁଥିବା ଲୋକ ବି କମ ନାହାନ୍ତି ଦୁନିଆରେ। ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ଅସରପାକୁ ଝୁର୍ଲା ବୋଲି କହନ୍ତି। ସେ ଅଞ୍ଚଳରେ ଅନେକଙ୍କ ବିଶ୍ୱାସ "ଝୁର୍ଲା ଥିଲା ଘରେ ଲକ୍ଷ୍ମୀ ଭଣ୍ଡାର ଶୂନ୍ୟ ହୁଏନି"। ବଦ୍ରୀନାଥରେ ଠାକୁରଙ୍କ ଦ୍ୱିପ୍ରହର ଭୋଗ (ଏହାକୁ ରାଜଭୋଗ କୁହାଯାଏ) ଆରମ୍ଭରେ ପ୍ରଥମେ ଅସରପାମାନଙ୍କୁ ଦିଆଯାଏ।

## ଲାଞ୍ଚୀଖଣ୍ଡ: ସକାଳୁ ବୁଲାବୁଲି

ସକାଳୁ ଜଲଦି ଉଠି ମୁଁ କେବେ ବୁଲାବୁଲି କରିବାକୁ ଯାଏନି।
ପୃଥିବୀ ନିଜେ ତ' ବୁଲୁଛି, ମୁଁ ପୁଣି କାହିଁକି କଷ୍ଟ କରିବି।

(ସୌଜନ୍ୟ: ଆଶୀର୍ବାଦ ରାଉଥା)

## ଖରାଦିନ ଗାଧୁଆ

ପ୍ରଥମେ କିଛି ଦାର୍ଶନିକ ତତ୍ୱ। କୌଣସି କର୍ମ କରିବାକୁ ଆପଣଙ୍କ ଭଲ ଲାଗୁଛି କି ନାହିଁ - ତାହା କେବଳ କର୍ମର ଚରିତ୍ର ଉପରେ ନିର୍ଭର କରେ ନାହିଁ। ସ୍ଥାନ, କାଳ, ପାତ୍ର, ପରିପ୍ରେକ୍ଷୀ, ଇତ୍ୟାଦି ଅନେକ କଥା ଆପଣଙ୍କ ଉପରେ ପ୍ରଭାବ ପକେଇ ପାରେ। ଉଦାହରଣ: ମୋ ବନ୍ଧୁ ନବଘନର ପୁଅ ଭୀମସେନ ଭଳି ଅନେକଙ୍କୁ ଶୀତଦିନେ ଗାଧୋଇବାକୁ ଭଲ ଲାଗେ ନାହିଁ। ଭୀମସେନ ତ ଶୀତଦିନେ ଗାଧୋଇବାକୁ ଡରେ। କିନ୍ତୁ ଖରାଦିନେ ସେ ଗାଧୋଇବାକୁ ଭଲ ପାଏ। ଦିନକୁ ତିନିଚାରିଥର ଗାଧୋଇ ପଡ଼େ। ଦିନେ ଭୀମସେନକୁ ଭୋର ପାଞ୍ଚଟାରେ ଗାଧୋଇବାର ଦେଖି ତାଙ୍କ ପଡ଼ୋଶୀ ରାମବାବୁ ପଚାରିଲେ, ଏତେ ସକାଳୁ ଗାଧୋଇ ପଡୁଛୁ | ବାଃ ! ଏବେ ନିଶ୍ଚୟ ପୂଜାପାଠ କରି ପାଠ ପଢିବାକୁ ବସିବୁ ? ଭୀମସେନ ଉତ୍ତର ଦେଲା, ନା ମଉସା। ଭୋର ଭୋର ଗାଧୋଇ ସାରି ଆଉ ଥରେ ଶୋଇ ପଡ଼ିବି। ଡେରି ହେଲେ ଟାଙ୍କି ପାଣି ଗରମ ହୋଇ ଯାଉଛି।

# ପୁଣି କରିବେ କମାଲ



‘ସୈୟାରା’ର ସଫଳତା ପରେ ଅହାନ ପାଣ୍ଡେ ଏବଂ ଅନୀତ ପଡ୍ଡାଙ୍କ ଯୋଡ଼ି ପୁଣିଥରେ ବଡ଼ ପରଦାରେ ଏକାଠି ନଜର ଆସିବାକୁ ଯାଉଥିବା ଜଣାପଡିଛି । ଯଶରାଜ ଫିଲ୍ମସ ବ୍ୟାନର ଓ ନିର୍ଦ୍ଦେଶକ ମୋହିତ ସୂରୀ ଏହି ଦୁଇ କଳାକାରଙ୍କୁ ନେଇ ଏକ ନୂଆ ମ୍ୟୁଜିକାଲ୍ ଲଭ୍ ଷ୍ଟୋରି ନିର୍ମାଣ କରିବାକୁ ଯାଉଛନ୍ତି । ଯାହାର ସୁଟିଂ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ସୁଦ୍ଧା ଆରମ୍ଭ ହେବ ବୋଲି ସୂତ୍ରରୁ ପ୍ରକାଶ । ପ୍ରଯୋଜକ ଆଦିତ୍ୟ ଚୋପ୍ରାଙ୍କ ଦ୍ୱାରା ବଡ଼ ସ୍କେଲ୍‌ରେ ପ୍ରସ୍ତୁତ ହେବାକୁ ଥିବା ଏହି ପ୍ରେମ କାହାଣୀ ଆଧାରିତ ଫିଲ୍ମ ପାଇଁ ମ୍ୟୁଜିକ୍ ଟିମ୍ ବିଗତ କିଛି ମାସ ହେବ ଏହାର ଆଲବମ୍ ଏବଂ ବ୍ୟାକଗ୍ରାଉଣ୍ଡ ସ୍କୋର ଉପରେ କାମ କରୁଛନ୍ତି । ସେହିଭଳି ଉଭୟଙ୍କ କେମେଷ୍ଟ୍ରୀକୁ ପରଦାରେ ପୁଣିଥରେ ଦେଖିବା ପାଇଁ ଦର୍ଶକ ମଧ୍ୟ ଖୁବ ଉତ୍ସାହିତ ଅଛନ୍ତି । ତେବେ ଏହାର ଟାଇଟଲ ଏବେ ଯାଏଁ ଫାଇନାଲ ହୋଇନଥିବା ଜଣା ପଡିଛି । ସୂଚନା ଅନୁସାରେ ବର୍ତ୍ତମାନ ଅହାନ ପାଣ୍ଡେ ନିର୍ଦ୍ଦେଶକ ଅଲ୍ଲୀ ଅବ୍ବାସ ଜାଫରଙ୍କ ଏକ ବଡ଼ ବଜେଟ୍ ଆକ୍ସନ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି ।



# ରାମ ଚରଣ କରିଛନ୍ତି ରିପ୍ଲେସ

ରାମ ଚରଣ ଏବଂ ଜାହ୍ନବୀ କପୁରଙ୍କ ଅଭିନୀତ ସ୍ପୋର୍ଟସ୍ ଆକ୍ସନ ଡ୍ରାମା ଫିଲ୍ମ ‘ପେଦି’ ୪ ଜୁନ୍ ୨୦୨୬ରେ ରିଲିଜ ହେବ । ତେବେ ଏହି ଚଳଚ୍ଚିତ୍ର ପାଇଁ ପୂର୍ବରୁ ଜୁନିଅର ଏନଟିଆର ପ୍ରଥମ ପସନ୍ଦ ଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା । ହେଲେ ଏହାକୁ ନିର୍ଦ୍ଦେଶକ ବୁଚି ବାବୁ ସାନା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ କରିଛନ୍ତି ଯେ ସେ ଜୁନିଅର ଏନଟିଆରଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ ସ୍କ୍ରିପ୍ଟ ଶୁଣାଇଥିଲେ । ‘ପେଦି’ କେବଳ ରାମ ଚରଣଙ୍କୁ ମନରେ ରଖି ଲେଖାଯାଇଥିଲା । କ୍ରିକେଟ୍, କୁସ୍ତି ଏବଂ ଦୌଡ଼ ଭଳି ଏକାଧିକ କ୍ରୀଡ଼ାରେ ପାରଙ୍ଗମ ଜଣେ ଗ୍ରାମୀଣ ଯୁବକର ସଂଘର୍ଷକୁ ଏହି ଫିଲ୍ମରେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ରରେ ଶିବ ରାଜକୁମାର, ଦିବ୍ୟେନ୍ଦୁ ଏବଂ ବୋମାନ ଇରାନୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ସେହିଭଳି ରାମ ଚରଣ ଓ ଜାହ୍ନବୀଙ୍କ ଯୋଡିକୁ ପରଦାରେ ଦର୍ଶକ ଦେଖିବାକୁ ଖୁବ ଉତ୍ସାହିତ ଅଛନ୍ତି । ସୋସିଆଲ ମିଡିଆର ଫିଲ୍ମର ଖୁବ ପ୍ରମୋସନ ହେଉଥିବା ଦେଖିବାକୁ ମିଳୁଛି ।



# ପସନ୍ଦ ଆସିବ ରିକ୍ରିଏସନ

‘ଭୁତ ବାଙ୍ଗଲା’ର ସଫଳତା ପରେ ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାର ଏବେ ତାଙ୍କର ଆଗାମୀ ବଡ଼ ଚଳଚ୍ଚିତ୍ର ‘ୱେଲକମ୍ ଟୁ ଦି ଜଙ୍ଗଲ୍’ର ମୁକ୍ତିଲାଭ ପାଇଁ ପ୍ରସ୍ତୁତ ହେଉଛନ୍ତି । ତେବେ ଏହାରି ଭିତରେ ସେ ଏହାର ତୃତୀୟ ଗୀତ ରିଲିଜ୍ କରିଛନ୍ତି । ବାସ୍ତବରେ ଏହି ନୂଆ ଗୀତଟି ୨୦୦୭ର ସୁପରହିଟ୍ ଫିଲ୍ମ ‘ୱେଲକମ୍’ରେ ଅକ୍ଷୟ ଓ କ୍ୟାଟ୍ରିନାଙ୍କ ଅଭିନୀତ ଲୋକପ୍ରିୟ ଗୀତ ‘ଏକ୍ ଉଚା ଲମ୍ବା କଦ୍’ର ଏକ ରିକ୍ରିଏଟେଡ୍ ଭର୍ସନ ଅଟେ । ଯେଉଁଥିରେ ଏବେ ଅକ୍ଷୟଙ୍କ ସହ ଅଭିନେତ୍ରୀ ଦିଶା ପାଟାନୀଙ୍କର ଜବରଦସ୍ତ ଡାନ୍ସ ଓ ସିଜଲିଂ କେମିଷ୍ଟ୍ରି ଦେଖିବାକୁ ମିଳିଛି । ଅକ୍ଷୟ କୁମାର ନିଜ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ନିଜର ହିଁ ଏକ ପୁରୁଣା ଗୀତକୁ ରିକ୍ରିଏଟ୍ କରିଛନ୍ତି । ଏହାପୂର୍ବରୁ ସେ ‘ମୋହରା’ ଫିଲ୍ମର ‘ଟିପ୍ ଟିପ୍ ବର୍ଷା ପାଣି’ ଗୀତକୁ ୨୦୨୧ର ‘ସୂର୍ଯ୍ୟବଂଶୀ’ ଫିଲ୍ମରେ କ୍ୟାଟ୍ରିନାଙ୍କ ସହ ରି କ୍ରିଏଟ କରିଥିଲେ । ଦର୍ଶକଙ୍କୁ ଏହି ରି କ୍ରିଏସନ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।



# ରୋମାଣ୍ଟିକ ଥ୍ରୀଲରରେ କୀର୍ତ୍ତି

ନିକଟରେ କମେଡି ଡ୍ରାମା ଫିଲ୍ମ ‘ରିଭଲଭର ରୀତା’ରେ ମୁଖ୍ୟ ଭୂମିକାରେ ନଜର ଆସିଥିବା ଅଭିନେତ୍ରୀ କୀର୍ତ୍ତି ସୁରେଶ ଏବେ ଏକ ବଡ଼ ବଜେଟ୍‌ର ରୋମାଣ୍ଟିକ ଥ୍ରୀଲର ଚଳଚ୍ଚିତ୍ର ପାଇଁ ସଜବାଜ ହେଉଛନ୍ତି । ତେବେ ଏହା ତାଙ୍କ କ୍ୟାରିୟରରେ ଏକ ଟର୍ଣ୍ଣିଂ ପଏଣ୍ଟ ହେବବୋଲି ଚର୍ଚ୍ଚା ଜାରି ରହିଛି । ବର୍ତ୍ତମାନ କୀର୍ତ୍ତିଙ୍କ ହାତରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି, ଯେଉଁଥିମଧ୍ୟରୁ ସେ ଅଭିନେତା ରାଜକୁମାର ରାଓଙ୍କ ସହ ଆଦିତ୍ୟ ନିମ୍ବାଲକରଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ରଫ୍ତାର୍’ରେ ନଜର ଆସିବେ । ଏହା ବ୍ୟତୀତ ସେ ପ୍ରବୀଣ ଏସ୍. ବିଜୟଙ୍କ ନିର୍ଦ୍ଦେଶିତ ‘ସତ୍ୟବାନ ସାବିତ୍ରୀ’ ଏବଂ ବିଜୟ ଦେବରକୋଣ୍ଡାଙ୍କ ଫିଲ୍ମ ‘ରାଉଡି ଜନାର୍ଦ୍ଦନ’ରେ ମଧ୍ୟ ସେ ସହ-ଅଭିନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ଏହାସହ ଆହୁରି କିଛି ପ୍ରୋଜେକ୍ଟରେ ମଧ୍ୟ ସେ ନଜର ଆସିବେବୋଲି ଜଣା ପଡିଛି ।



# ଜିମରେ ରୁହନ୍ତୁ ସତର୍କ

ବଲିଉଡ ଅଭିନେତ୍ରୀ ରକୁଲ ପ୍ରୀତ ସିଂହ ନିକଟରେ ଆୟୁଷ୍ମାନ ଖୁରାନା, ୱାମିକା ଗବ୍ବୀ ଏବଂ ସାରା ଅଲ୍ଲୀ ଖାନଙ୍କ ସହ ଫିଲ୍ମ ‘ପତି ପତ୍ନୀ ଆଉର ୱୋ ଦୋ’ରେ ନଜର ଆସିଛନ୍ତି । ତେବେ ନିକଟରେ ସେ ନିଜ ଜୀବନର ଏକ ଦୁର୍ଘଟଣା ସମ୍ପର୍କରେ କଥା ହୋଇଛନ୍ତି । ରକୁଲ ଏହି ଘଟଣା ବିଷୟରେ ପ୍ରକାଶ କରି କହିଛନ୍ତି ଯେ, ସେଫ୍ଟି ବେଲ୍ଟ ନ ପିନ୍ଧି ସେ ୮୦ କିଲୋଗ୍ରାମର ଡେଡଲିଫ୍ଟ କରିବାକୁ ଚେଷ୍ଟା କରିବା ଯୋଗୁଁ ଗୁରୁତର ଭାବେ ଆହତ ହୋଇଥିଲେ । ଲୋୟର ବ୍ୟାକ୍ ଇଞ୍ଜୁରୀ ପାଇଁ ତାଙ୍କୁ ୪୦ ଦିନ ପର୍ଯ୍ୟନ୍ତ ବେଡ୍ ରେଷ୍ଟରେ ରହିବାକୁ ପଡିଥିଲା । ଏହି ବ୍ୟାୟାମକୁ ଏକ ‘ଇଗୋ ଲିଫ୍ଟ’ ବୋଲି ରକୁଲ କହିଛନ୍ତି । ତେଣୁ ସବୁବେଳେ କୌଣସି ବି ବ୍ୟାୟାମ ପୂର୍ବରୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସେ ପରାମର୍ଶ ଦେଇଛନ୍ତି ।



## ମନଟି ସୁନ୍ଦର ଲାଗେ

ମନଟି ସୁନ୍ଦର ଲାଗେ
ଭଲକଥା ଭାବିଲେ
ସକାଳ ସୁନ୍ଦର ଲାଗେ
କାଉ ଆସି ରାବିଲେ ॥
ଜୀବନ ସୁନ୍ଦର ଲାଗେ
ସତକଥା କହିଲେ
ସଂସାର ସୁନ୍ଦର ଲାଗେ
ମିଳିମିଶି ରହିଲେ ॥
ମଥାକୁ ସୁନ୍ଦର ଲାଗେ
ବହଳିଆ କେଶଟି
ଝିଅକୁ ସୁନ୍ଦର ଲାଗେ
ନବବଧୂ ବେଶଟି ॥
ପଡ଼ିଆ ସୁନ୍ଦର ଲାଗେ
ଥିଲେ ଘାସ ଗାଲିଚା
କୁଡ଼ିଆ ସୁନ୍ଦର ଲାଗେ
ପିଉଥିଲେ ନାଲି ଚା ॥
ଘରଟି ସୁନ୍ଦର ଲାଗେ
ଥିଲେ ସ୍ନେହ ମମତା
ଦୁନିଆଁ ସୁନ୍ଦର ଲାଗେ
ବାସୁଥିଲେ ସମତା ॥

**ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮ ୬୫୭୨୭



## ଅଜା ଘରେ ଭାରି ମଜା

ଅଜା ଘରେ ଭାରି ମଜା
ମାମୁ ଯାଇଛନ୍ତି ହାଟ କରିବାକୁ
ଆଈ କରେ ଶାଗ ଭଜା ॥
ମାଇଁ ଭାଜୁଛନ୍ତି ମୁଢି
ଗୁଡର ପାଗରେ ଗୋଲ ଗୋଲ ମୁଆଁ
ଦିଅନ୍ତି ସାନୁକୁ ବାଢି ॥
ମୁଆଁକୁ ଦେଲେ କାମୁଡି
କଡ କଡ ଶବ୍ଦେ କମ୍ପଇ ଘରଟା
ସାନୁ ଚାହେଁ ଆଖି ଫାଡି ॥
ହସି କହୁଥିଲେ ଅଜା
ଏମିତି ଜିନିଷ ମିଳେନା ସହରେ
ଖାଇ କର ପେଟପୂଜା ॥
ହାଟରୁ ଫେରିଲେ ମାମୁ
ସାନୁ ପାଇଁ ସିଏ ଆଣି ଦେଇଥିଲେ
ଖଜା ଓ ଗୋଲାପ ଜାମୁ ॥
ଅଜା ଚୋବାଇଲେ ଖଜା
ହାକୁଟି ମାରନ୍ତି ଚଉକିରେ ବସି
ସାନୁକୁ ଲାଗଇ ମଜା ॥
କଦଳୀ ମଂଜାର ଭଜା
ଶାଗ ବଡି ସହ ଦହି ପଖାଳକୁ
ଖାଇଲେ ନାତି ଓ ଅଜା ॥
ଗ୍ରୀଷମ ଛୁଟିରେ ମଂଜା
ପ୍ରତିବରଷରେ ବୁଲିଯାଏ ସାନୁ
ଅଜା ଘରେ କରି ମଜା ॥
ଲାଗୁ ପଛେ ଘରେ ଡିବି
ମାମୁଘର ଗାଁ ସେନେହ ଶରଧା
ମନରୁ ଯାଏନା ଲିଭି ॥

**ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୩୩୮ ୪୩୨୦୨୩

## ନାଆଁଟି ମୋ ଢିଙ୍କି

ପୁରୁବ କାଳରେ ଥିଲି ସବୁ ଘରେ
ନାଆଁଟି ମୋହର ଢ଼ିଙ୍କି,
ଲୁହା ଓ କାଠରେ ଗଢ଼ା ମୋର ଦେହ
ଲାଗେ ସତେ ଅବା କଙ୍କି ॥
ଆଠ ଦଶଫୁଟ ଦେହଟି ମୋହର
ଥାଏ ଦୁଇଗୋଟି ପକ୍ଷୀ,
ଘୋଡ଼ିଆ ଦୁଇଟି ସେ ଦୁଇ ପକ୍ଷୀକୁ
ସମାନରେ ଥାଏ ରଖି ॥
ମୋହର ଶେଷରେ ରହିଅଛି ଲାଞ୍ଜୀ
ପାଦକୁ ରଖିବା ପାଇଁ,
ଧାନ କୁଟିବାରେ ସାହାଯ୍ୟ କରେ ସେ
ତା'ପରି ଆଉ କେ ନାଇଁ ॥
ଆଗରେ ଟାଣୁଆ ସମାଟିଏ ପରା
ତଳକୁ ରହିଛି ଝୁଲି,
ଶସ୍ୟରୁ ଚୋପାକୁ ବାହାର କରିବା
କାମଟି ତାହାର ଖାଲି ॥
ଢିଙ୍କି କୁଟା ହୋଇଥିବା ଚାଉଳକୁ
ଖାଇଛି ଆଗରୁ ଯିଏ,
ସୁଆଦ ତାହାର କେତେ ଯେ ମଧୁର
କହିଟି ପାରିବ ସିଏ ॥
ଯନ୍ତ୍ରଚାଳିତ ମେସିନ ପାଇଁକି
ଲୋପ ପାଇଗଲି ମୁହିଁ,
ଏବେ ଖୋଜ କେଉଁଠାରେ ମୋତେ
ଯମାରୁ ପାଇବେ ନାହିଁ ॥
ମଣିଷଙ୍କ କାମେ ଆସୁଥିଲି ବୋଲି
ଗର୍ବ ଲାଗୁଥିଲା ଭାରି,
ଯେତେ କଷ୍ଟ ହୁଏ ସହିଯାଉଥିଲି
କେବେ ନଯାଇକି ହାରି ॥

**ସାବିତ୍ରୀ ମଲ୍ଲିକ**
ଦଶରଥପୁର, ଯାଜପୁର

## ଝୁମୁରୁ ଝାଇଁ ଲୋ ଝୁମୁରୁ ଝାଇଁ

ଝୁମୁରୁ ଝାଇଁ ଲୋ ଝୁମୁରୁ ଝାଇଁ
ଅନାଇ ବସିଛି ତୋ ବାଟକୁ ଚାହିଁ
ତୋ ପରି ସାଙ୍ଗ ଆଉ ଯେ ନାହିଁ
ବିପଦ ରେ ଥିଲେ ଆସୁ ତୁ ଧାଇଁ ॥
ଝୁମୁରୁ ଝାଇଁ ଲୋ ଝୁମୁରୁ ଝାଇଁ
ଖାଇବା ଆଣୁ ନିତି ମୋ'ରି ପାଇଁ
ସକାଳେ ସଞ୍ଜେ ତୋ ପାଶେ ଥାଇ
ପାଠ ପଢେ ବସି ମନ ଟି ଦେଇ ॥
ଝୁମୁରୁ ଝାଇଁ ଲୋ ଝୁମୁରୁ ଝାଇଁ
ଆସିଛି ତୋ ପାଶେ ଧାଇଁ ଧାଇଁ
ପିଲାଦିନ କଥା ଜମା ଭୁଲିବା ନାହିଁ
ରହିଥିବ ବନ୍ଧୁତା ସବୁଦିନ ପାଇଁ ॥

**ସୁବ୍ରତ କୁମାର ଦାସ**
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭ ୭୩୧୯୦୩



## ଝାଡୁ

ଗାଆଁ ହେଉ ଅବା ବଜାର ସହରେ
ଝାଡୁ ଥାଏ ପ୍ରତି ଘରେ,
ଅଳପ ଦାଆମ ହେଲେବି ତାହାର
ବଡ଼ କାମଟିଏ କରେ ॥
ଘର ଦାଣ୍ଡ ପିଣ୍ଡା ସଫା ରହିଥାଏ
କେବଳ ତାହାରି ପାଇଁ,
ସେବାକରି ପଛେ ଭାଙ୍ଗି ଝଡ଼ିପଡ଼େ
ଦୁଃଖ ଟିକେ କରେ ନାଇଁ ॥
ଦରକାର ହୁଏ ସବୁଦିନ ସିଏ
ଦିନେ ହୁଏନାହିଁ ଛାଡ଼,
ତଥାପି ଜୀବନେ ନିଜକୁ କେବେବି
ଭାବିନାହିଁ ଯମା ବଡ଼ ॥
ପରିବେଶ ସ୍ୱଚ୍ଛ ରହୁଛି ତା' ଲାଗି
ହେଉନି ଆମକୁ ରୋଗ,
ଅଳିଆ କୁ ସଫା କରିଦିଏ ଭଲେ
ରଖେନାହିଁ ଟିକେ ଦାଗ ॥
ଖରାପ ଜିନିଷ ନୁହେଁ ତେଣୁ ଝାଡୁ
ନ ' ଫୋପାଡ଼ି ଏଣେ ତେଣେ,
କାମ ସରିଗଲେ ଯତନରେ ନେଇ
ରଖିଦେବା କେଉଁ କୋଣେ ॥

**ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮ ୬

ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର

# ବିରଳ ବିହଙ୍ଗ

ଦୁନିଆରେ ଏଭଳି ଅନେକ ପକ୍ଷୀ ଅଛନ୍ତି ଯେଉଁମାନେ ନିଜର ଗଠନ ଶୈଳୀ ହେଉ କିମ୍ବା ଉଡିବା ପ୍ରକିୟା ପାଇଁ ଭିଡ ଭିତରେ ବେଶ ବାରି ହୋଇ ପଡନ୍ତି । ସେମାନେ ଅନ୍ୟମାନଙ୍କ ଅପେକ୍ଷା ବେଶ ଭିନ୍ନ ହୋଇଥାଆନ୍ତି ଯାହା ସେମାନଙ୍କୁ ସ୍ୱତନ୍ତ୍ର କରିଥାଏ ।



## କାକାପୋ

ଏହା ଦେଖିବାକୁ ପେଚା ଭଳି ହେଲେ ମଧ୍ୟ ପ୍ରକୃତରେ ଏହା ଏକ ଶୁଆ ପ୍ରଜାତିର। ଏହା ବିଶ୍ୱର ସବୁଠାରୁ ଭାରୀ ଶୁଆ, ଯାହାର ଓଜନ ପ୍ରାୟ ୪ କିଲୋଗ୍ରାମ ଏବଂ ଲମ୍ବ ୬୦ ସେମି । ନ୍ୟୁଜିଲ୍ୟାଣ୍ଡରେ ମିଳୁଥିବା ଏହି ପକ୍ଷୀର ସବୁଜ ରଙ୍ଗର ପର ଏହାକୁ ଗଛପତ୍ର ସହ ମିଶିଯିବାରେ ସାହାଯ୍ୟ କରେ ।



## ସଦର୍ଣ୍ଣ କାସୋୱାରୀ

ଏହା ଦେଖିବାକୁ ପ୍ରାଗୈତିହାସିକ କାଳର ଜୀବ ଭଳି ଏବଂ ବିଶ୍ୱର ତୃତୀୟ ସବୁଠାରୁ ଉଚ୍ଚ ପକ୍ଷୀ (ପ୍ରାୟ ୬ ଫୁଟ) ଭାବେ ପରିଗଣିତ । ଅଷ୍ଟ୍ରେଲିଆ ଏବଂ ପାପୁଆ ନିଉ ଗିନିର ଜଙ୍ଗଲରେ ମିଳୁଥିବା ଏହି ପକ୍ଷୀକୁ ବିଶ୍ୱର ସବୁଠାରୁ ବିପଜ୍ଜନକ ପକ୍ଷୀ କୁହାଯାଏ। ଏହାର ଶକ୍ତ ଗୋଡ଼ ଏବଂ ଛୁରୀ ଭଳି ଧାରୁଆ ନଖ ମଣିଷକୁ କ୍ଷତବିକ୍ଷତ କରିଦେଇପାରେ ।




## ସେକ୍ରେଟାରୀ ବାର୍ଡ

ପୂର୍ବ ଆଫ୍ରିକାର ଏହି ପକ୍ଷୀଟି ଦେଖିବାକୁ ଏକ ଚିଲ ଏବଂ ଫ୍ଲେମିଙ୍ଗୋ ପକ୍ଷୀର ମିଶ୍ରଣ ଭଳି ମନେହୁଏ। ଏହାର ମୁହଁ ଚିଲ ଭଳି ଏବଂ ଗୋଡ଼ଗୁଡ଼ିକ ଲମ୍ବା ଥାଏ । ଏହା ମୁଖ୍ୟତଃ ପୋକଜୋକ ଏବଂ ମଞ୍ଜି ଖାଇ ବଞ୍ଚିରହିଥାଏ । ଏହା ଅଜବ ଗଠନଶୈଳୀ ଏହାକୁ ଭିନ୍ନ କରିଥାଏ ।



## କ୍ୱେଟଜାଲ୍

କେନ୍ଦ୍ରୀୟ ଆମେରିକା ମୁଖ୍ୟତଃ ଗୁଆଟେମାଲାର ଜଙ୍ଗଲରେ ଦେଖାଯାଉଥିବା ଏହି ପକ୍ଷୀ ଅତ୍ୟନ୍ତ ସୁନ୍ଦର। ସବୁଜ ରଙ୍ଗର ଡେଣା, ନାଲି ରଙ୍ଗର ଛାତି ଏବଂ ଏକ ଲମ୍ବା ଆକର୍ଷଣୀୟ ଲାଞ୍ଜ ଯୋଗୁଁ ଏହା କାର୍ଣ୍ଣିଭାଲ୍ ଡ୍ୟାନ୍ସର ଭଳି ଦେଖାଯାଏ । ଏହାର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷିତ କରିଥାଏ ।



## ସୁବିଲ୍

ଆଫ୍ରିକାର ସନ୍ତସନ୍ତିଆ ଅଞ୍ଚଳରେ ଦେଖାଯାଉଥିବା ଏହି ପକ୍ଷୀର ମୁହଁ ଜୋତା ଭଳି ଏବଂ ଏହା ଦେଖିବାକୁ ଡାଇନୋସର ଯୁଗର ପକ୍ଷୀ ଭଳି ଲାଗେ । ଏହାର ଶବ୍ଦ ମେସିନ୍ ଗନ୍‌ର ଗୁଳି ଫୁଟିବା ଭଳି ଶୁଣାଯାଏ। ଏହା ମାଛ, ବେଙ୍ଗ ଏବଂ ସାପ ଆଦି ଶିକାର କରେ ।

## କକ୍-ଅଫ୍-ଦି-ରକ୍

ଦକ୍ଷିଣ ଆମେରିକାର ଜଙ୍ଗଲରେ ମିଳୁଥିବା ଏହି ପକ୍ଷୀ ଅତି ଚମତ୍କାର ରଙ୍ଗର ହୋଇଥାଏ । ମାଈ ପକ୍ଷୀକୁ ଆକର୍ଷିତ କରିବା ପାଇଁ ଅଣ୍ଡିରା ପକ୍ଷୀମାନେ ଏକାଠି ହୋଇ ନାଚନ୍ତି, ଡେଡ଼ିଆଁ ମାରନ୍ତି ଏବଂ ବିଭିନ୍ନ ପ୍ରକାର ଶବ୍ଦ କରନ୍ତି। ସବୁଠାରୁ ଆକର୍ଷଣ ଏମାନଙ୍କର ରଙ୍ଗ ହୋଇଥାଏ ।



# ପ୍ରକୃତି ଓ ଆରାମର ସମନ୍ୱୟ




**ତାମିଲନାଡୁର ପ୍ରାକୃତିକ ପରିବେଶ ପୃଷ୍ଠଭୂମିରେ ଏକ ସ୍ଥାପତ୍ୟ କଳାର ଅନନ୍ୟ ନିଦର୍ଶନ ଭାବେ ଛିଡ଼ା ହୋଇଛି 'ଚୁଝି' । ସ୍ଥାୟୀ ସ୍ଥାପତ୍ୟ ଶୈଳୀ ଏବଂ ଅଭିଜ୍ଞ ଜ୍ଞାନକୌଶଳର ମିଶ୍ରଣରେ ନିର୍ମିତ ଏହି ସୁନ୍ଦର ଘର ବାସ୍ତବରେ ଏକ ମାଷ୍ଟରପିସ୍, ଯାହା ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି ।**

ସ୍ଥୂଚନା ଅନୁସାରେ ତାମିଲନାଡୁରେ ରହିଛି ଏହି ଘରଟି, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି କମ୍ୟୁନିଟିର ଚାରିପାଖ ପରିଧିରେ କିଛି ଅଦରକାରୀ ତଥା ଅସ୍ୱଷ୍ଟ ଜମି ରହିଥିଲା, ଯାହାକୁ ନେଇ ଏହାର ମାଲିକ ଚିନ୍ତାରେ ଥିଲେ। ସେହିଭଳି ଏହି ପ୍ଲଟଗୁଡ଼ିକ ଅତ୍ୟନ୍ତ ଢାଲୁ ଓ ପଥରୁଆ ଭୂମି, ବିଶାଳ ଗଛ ଏବଂ ଘଞ୍ଚ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ହୋଇ ରହିଥିଲା। ଯାହାଫଳରେ ଲୋକମାନେ ସେଠାରେ ଘର କରିବାକୁ ଆଦୌ ଆଗ୍ରହ ପ୍ରକାଶ କରୁନଥିଲେ ।

## କ୍ୟାମୋଫ୍ଲାଜର ଯାଦୁ

ଯେଉଁ ସ୍ଥାନକୁ ପୂର୍ବରୁ ସ୍ଥାନୀୟ ଲୋକମାନେ ଏକ 'ଖରାପ ସ୍ଥାନ' ଏବଂ 'ନିର୍ମାଣ ପାଇଁ ଅନୁପଯୁକ୍ତ' ବୋଲି ଭାବୁଥିଲେ, ତାହା ଆଜି ଅତିଥିମାନଙ୍କୁ ସ୍ୱାଗତ କରୁଛି । ଏହା ଦୁଇଟି ଶୋଇବା ଘର ବିଶିଷ୍ଟ ଏକ ସୁନ୍ଦର ପ୍ଲଟ୍‌ରେ ପରିଣତ ହୋଇଛି । ଆର୍କିଟେକ୍ଟ ଜଗତରେ 'କ୍ୟାମୋଫ୍ଲାଜିଂ'ର ଯାଦୁ ଏଠାରେ କାର୍ଯ୍ୟ କରିଛି । 'ଚୁଝି' ତାର ଚାରିପାଖ ପରିବେଶ ସହିତ ଏଭଳି ଭାବେ ମିଶିଯାଇଛି, ସତେ ଯେମିତି ଏହା ସେଠାରେ ଥିବା ତେନ୍ତୁଳି ଗଛଗୁଡ଼ିକ ସହିତ ଛନ୍ଦାଛନ୍ଦି ହୋଇ ରହିଛି। ଖୁବ ସୁନ୍ଦର ଭାବେ ଗଚ ଭିତରେ ଏହି ଘରଟିକୁ ନିର୍ମାଣ କରାଯାଇଛି, ଯାହା ପ୍ରକୃତିକୁ ରକ୍ଷା କରୁଛି । ମାଲାୟାଲମ୍ ଭାଷାରେ 'ଚୁଝି'ର ଅର୍ଥ ହେଉଛି 'ଘୂର୍ଣ୍ଣିବଳୟ' ।" ଘରର ଛାତରେ ଥିବା ବକ୍ରତା ବା ଘୂର୍ଣ୍ଣନରୁ ହିଁ ଏହି ଘରର ନାମକରଣ କରାଯାଇଛି। ଏହାର ଡିଜାଇନରୁ ଏହି ଘରର ନାମ ଏହା ରଖାଯାଇଛି । ଏଗୁଡ଼ିକ ହେଉଛି ପ୍ରିକାଷ୍ଟ ପୋର୍ଡ ଡେବ୍ରିସ୍ ଆର୍ଥ କମ୍ପୋଜିଟ୍ ବୋତଲ ବିମ୍ , ଯାହା ୪୦୦୦ଟି ବର୍ଜ୍ୟ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି। ସବୁଠାରୁ ଚର୍ଚ୍ଚାରେ ଏହି ବିମ ଗୁଡିକ ରହିଛି । ଏହି ଅନନ୍ୟ ଡିଜାଇନ୍ ପଛର ଏକ କୌତୁହଳପୂର୍ଣ୍ଣ କାହାଣୀ ରହିଛି । ସେଠାରେ ପ୍ରତି ସମୟରେ ବିବାହ ଏବଂ ଅନ୍ୟାନ୍ୟ ଉତ୍ସବର ଆୟୋଜନ କରାଯାଉଥିଲା । ତେଣୁ ସ୍ୱାଭାବିକ ଭାବେ ଏଠାରେ ପ୍ଲାଷ୍ଟିକ୍ ବୋତଲ ପ୍ରଚୁର ପରିମାଣରେ ମିଳୁଥିଲା । ତେଣୁ ଘର ନିର୍ମାଣ କରିଥିବା ସଂସ୍ଥା ଏଗୁଡିକୁ ବ୍ୟବହାର କରିବା ପାଇଁ ଉପାୟ ପାଞ୍ଚିଥିଲେ । ପ୍ରତି ସପ୍ତାହରେ ଟିମ୍ ଏହି ବୋତଲଗୁଡ଼ିକୁ ସଂଗ୍ରହ କରୁଥିଲେ, ସେଗୁଡ଼ିକୁ ମାଟିରେ ଭର୍ତ୍ତି କରୁଥିଲେ ଏବଂ କାଷ୍ଟିଂ କରୁଥିଲେ। ଏହାପରେ ଏହି ବୋତଲଗୁଡ଼ିକ ମଧ୍ୟ ଦେଇ ରଡ୍ ଚଳାଯାଇ ସ୍ୱିର୍ଲ୍ସ ବା ଘୂର୍ଣ୍ଣନ ତିଆରି କରାଯାଇଥିଲା । ଯାହା ପରେ ଛାତ ତିଆରି କରିବାରେ ବ୍ୟବହାର କରାଯାଇଥିଲା। ସେହିଭଳି କିଭଳି ପାଖରେ ଥିବା ପ୍ରକୃତିକୁ କୌଣସି କ୍ଷତି ପହଞ୍ଚା ନଯାଇ ଏହାକୁ ତିଆରି କରିହେବ ସେଥିପ୍ରତି ସେମାନେ ଖୁବ ଧ୍ୟାନ ଦେଇଥିଲେ । ଏହି ଘରର ବକ୍ରତାଗୁଡ଼ିକ କାନ୍ଥ ଭାବରେ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ଉପରକୁ ସ୍ପାଇରାଲ୍ ବା ଚକ୍ରାକାର ହୋଇ ଛାତ ଗଠନ କରେ। ତିନୋଟି ଗଛ ମଝିରେ ଅବସ୍ଥିତ ଏହି ଘରଟିକୁ ଏକ କାଚର ଛାତ ସହିତ ଡିଜାଇନ୍ କରାଯାଇଛି, ଯାହା ଆପଣଙ୍କୁ ଗଛର ଛାତ୍ରଛାୟା ତଳେ ରହିବାର ଅନୁଭୂତି ଦେଇଥାଏ ।



## ପ୍ରକୃତି କୋଳରେ ଆରାମ

କ୍ଷୁଦ୍ର ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ଏହି ଘରଟି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ।"ଏହି ଘରର ଛାତଟି ଗଛ ଚାରିପାଖରେ ବସିବା ସ୍ଥାନ ଭାବରେ ମଧ୍ୟ କାର୍ଯ୍ୟ କରେ। ସାଧାରଣତଃ ଯେତେବେଳେ ବି ଆମେ ଗଛ ବିଷୟରେ ଚିନ୍ତା କରୁ, ଆମେ ସେମାନେ ପ୍ରଦାନ କରୁଥିବା ଛାଇ ବିଷୟରେ ଭାବୁ ଏବଂ ସେଗୁଡ଼ିକ ତଳେ ବସିବାକୁ ଭଲ ପାଉ, ସେହିପରି ଗଛର ପତ୍ରଗୁଡ଼ିକର ନିକଟତର ହେବାକୁ ଚାହୁଁ । ଏହି ଘରେ ପର୍ଯ୍ୟଟକମାନେ ଏହି ସମସ୍ତ ସୁବିଧା ପାଇପାରିବେ । ଏହା ବିଭିନ୍ନ ଋତୁ ଏବଂ ଜଳବାୟୁରେ ଘରକୁ ସର୍ବୋତ୍ତମ ଭାବେ କାର୍ଯ୍ୟକ୍ଷମ ରଖିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ନିର୍ମାଣରେ ବ୍ୟବହୃତ ଷ୍ଟିଲ୍ ମେଶ୍ କ୍ରସ୍ ଭେଣ୍ଟିଲେସନ୍ ବା ବାୟୁ ଚଳାଚଳ ନିଶ୍ଚିତ କରୁଥିବାବେଳେ, ମାଟିର ଇନସୁଲେସନ୍ ଶୀତଦିନେ ଘରକୁ ଗରମ ରଖିବା ନିଶ୍ଚିତ କରେ । ସମ୍ପୂର୍ଣ୍ଣ ନିର୍ମାଣରେ ଥିବା ଏୟାର ଗ୍ୟାପ୍ ଗୁଡ଼ିକ ଘରକୁ ଭଲ ଭାବେ ବାୟୁ ଚଳାଚଳ ଜରିଆରେ ମୁକ୍ତ ରଖେ । ଏହାର ମାଟି କାନ୍ଥରେ ମାତ୍ର ୫ ପ୍ରତିଶତ ସିମେଣ୍ଟ ରହିଛି ଏବଂ ଚଟାଣ ପୁରୁଣା କାଠରେ ପୁନରୁଦ୍ଧାର କରାଯାଇଥିବା ଖଣ୍ଡଗୁଡ଼ିକୁ ଏକାଠି ଯୋଡ଼ି ପ୍ରସ୍ତୁତ କରାଯାଇଛି । ଏହି ସ୍ଥାପତ୍ୟ ଚମତ୍କାରିତା ପଛରେ ଥିବା ଟିମ୍ କୁହନ୍ତି ଏହା ଯେତିକି ଚ୍ୟାଲେଞ୍ଜିଂ ଥିଲା, ସେତିକି ଉତ୍ସାହଜନକ ମଧ୍ୟ ।ଏହାର ମୂଳ ଉଦ୍ଦେଶ୍ୟ ଥିଲା ଗଛର ପ୍ରାକୃତିକ ପରିବେଶ ବ୍ୟବସ୍ଥା ଏବଂ ଚାରିପାଖକୁ ଘର ଉପରେ ଯେଭଳି ଅଛି ସେଭଳି ରହିବାକୁ ଦେବା, ଯାହାଦ୍ୱାରା ଆରାମ ସହିତ ପ୍ରକୃତିକୁ କୌଣସି କ୍ଷତି ପହଞ୍ଚିବ ନାହିଁ ।



# ବରଗଛ ଭୂତ

**ଆଇମା କାହାଣୀରେ ଅନେକ ଏଭଳି ଶିକ୍ଷା ରହିଥାଏ ଯାହା ଆମକୁ ଜୀବନରେ ନଡରି ସବୁ କାମ କରିବାକୁ ପ୍ରୋତ୍ସାହିତ କରିଥାଏ । ଏଥିରେ ଅନେକ ଭୂତ କାହାଣୀ ଏଭଳି ଥାଏ ଯାହା ଆମକୁ ଭୂତ ବୋଲି କିଛି କଥା ନାହିଁ ବୋଲି ଶିକ୍ଷା ଦେଇଥାଏ । ସେହିଭଳି ଏକ କାହାଣୀ ହେଲା ବରଗଛ ଭୂତ ।**

ନୀଳପୁର ଗାଁର ଶେଷ ମୁଣ୍ଡରେ ଠିଆ ହୋଇଥିବା ସେହି ଶତାବ୍ଦୀ ପୁରୁଣା ବିରାଟ ବରଗଛକୁ ନେଇ ସାରା ଅଞ୍ଚଳରେ ଏକ ଅଜବ ଭୟର ବାତାବରଣ ସଦାସର୍ବଦା ରହିଥାଏ, କାରଣ ଗାଁର ବୁଢ଼ାବୁଢ଼ୀଙ୍କଠାରୁ ଆରମ୍ଭ କରି ସମସ୍ତେ ବିଶ୍ୱାସ କରନ୍ତି ଯେ ସୂର୍ଯ୍ୟ ବୁଡ଼ିବା ମାତ୍ରେ ସେହି ଗଛର ଓହଳଗୁଡ଼ିକ ଭିତରୁ ଏକ ଅଦୃଶ୍ୟ କଳା ଛାଇ ବାହାରି ଗାଁ ଆଡ଼କୁ ଚାହିଁ ରହେ । ଅନ୍ଧାର ରାତିରେ ସେଠାରୁ କେହି ଜଣେ ଅତି ବିକଳ ହୋଇ କାନ୍ଦିବାର ଭୟଙ୍କର ଶବ୍ଦ ଶୁଭେ, ଯେଉଁଥିପାଇଁ ସଞ୍ଜ ନଇଁଲେ କୌଣସି ପିଲାଙ୍କୁ ସେହି ବାଟରେ ଯିବାକୁ ସମ୍ପୂର୍ଣ୍ଣ ମନା କରାଯାଇଥାଏ । ଚତୁର୍ଥ ଶ୍ରେଣୀରେ ପଢୁଥିବା ଦୁଇ ଚଗଲା ଓ କୌତୁହଳୀ ସାଙ୍ଗ ଟୁକୁଲୁ ଏବଂ ସୁମନ ପ୍ରତିଦିନ ସେମାନଙ୍କ ଆଇଙ୍କଠାରୁ ଏହି କାହାଣୀ ଶୁଣୁଥିଲେ ମଧ୍ୟ ସେମାନଙ୍କ ମନରେ ଭୟ ଅପେକ୍ଷା ସେହି ରହସ୍ୟକୁ ଜାଣିବାର ଜିଜ୍ଞାସା ଅଧିକ ଥିଲା । ତେଣୁ ସେମାନେ ମନେ ମନେ ଏକ ଗୁପ୍ତ ଯୋଜନା ପ୍ରସ୍ତୁତ କଲେ । ଦିନେ ଏକ କୁହୁଡ଼ିଆ ଶୀତଦିନିଆ ଶନିବାର ରାତିରେ, ଯେତେବେଳେ ସାରା ଗାଁର ଲୋକମାନେ ଏକ ବଡ଼ ବାହାଘର ଭୋଜି ଖାଇବାରେ ସମ୍ପୂର୍ଣ୍ଣ ବ୍ୟସ୍ତ ଥିଲେ, ସେହି ସୁଯୋଗ ଦେଖି ଟୁକୁଲୁ ଏବଂ ସୁମନ କାହାକୁ କିଛି ନକହି ଘରୁ ଚୁପ୍‌ଚାପ୍ ବାହାରି ପଡ଼ିଲେ । ହାତରେ ଦୁଇଟି ଟର୍ଚ୍ଚ ଲାଇଟ୍ ଧରି ଧୀରେ ଧୀରେ ସେହି ପୁରୁଣା ବରଗଛ ଆଡ଼କୁ ପାଦ ବଢ଼ାଇବାକୁ ଲାଗିଲେ । ଚାରିଆଡ଼େ ଘଞ୍ଚ କୁହୁଡ଼ି ଜମି ରହିଥିଲା, କାକର ଟୋପା ଗଛରୁ ଟପ୍ ଟପ୍ ହୋଇ ପଡୁଥିଲା । ତେବେ ହଠାତ୍ କେଉଁଠି ଏକ ପେଚା ଭୟଙ୍କର ଭାବେ ରାବି ଉଠିବାରୁ ଦୁଇ ବନ୍ଧୁଙ୍କ ଛାତି ଧଡ଼ଧଡ଼ ହେବାକୁ ଲାଗିଲା ଓ ସୁମନ ଡରରେ ଟୁକୁଲୁର ହାତକୁ ଜାବୁଡ଼ି ଧରିଲା । ଗଛ ମୂଳରେ ପହଞ୍ଚି ସେମାନେ ଯେତେବେଳେ ଚାରିଆଡ଼କୁ ଟର୍ଚ୍ଚ ଆଲୁଅ ପକାଇ ଦେଖିଲେ, ଠିକ୍ ସେତିକିବେଳେ ଗଛର ମଗାଲ ଡାଳ ଭିତରୁ ଅତି ଗମ୍ଭୀର ସ୍ୱରରେ ଏକ ଅଦ୍ଭୁତ କାନ୍ଦଣା ଶବ୍ଦ "ଉଁ... ଉଁ... ଉଁ..." ହୋଇ ସେମାନଙ୍କ କାନରେ ବାଜିଲା । ସଙ୍ଗେ ସଙ୍ଗେ ଉପରୁ ଏକ ବିଶାଳ, ଲମ୍ବା କଳା ଛାଇ ଧୀରେ ଧୀରେ ଓହ୍ଲାଇବାକୁ ଲାଗିଲା, ଯାହାର ମୁହଁ ନଥିଲେ ବି ଅନ୍ଧାର ଭିତରେ ଦୁଇଟି ଆଖି ଅଙ୍ଗାର ଭଳି ଲାଲ୍ ଦେଖାଯାଉଥିବାରୁ ଦୁଇ ବନ୍ଧୁଙ୍କ ଗୋଡ଼ ଥରିବାକୁ ଲାଗିଲା । ସେମାନେ ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଟୁକୁଲୁ ନିଜ ସାହସ ସଞ୍ଚୟ କରି ତା' ହାତରେ ଥିବା ଟର୍ଚ୍ଚର ସବୁ ଆଲୁଅ ଏକାସଙ୍ଗେ ସେହି କଳା ଛାଇ ଉପରକୁ ପକାଇଲା । ଆଲୁଅ ପଡ଼ିବା ମାତ୍ରେ ସେଠାରେ ଯେଉଁ ଦୃଶ୍ୟ ସାମ୍ନାକୁ ଆସିଲା, ତାହା ଦେଖି ସେମାନଙ୍କ ଆଶ୍ଚର୍ଯ୍ୟ ଓ ଭୟ ସବୁଦିନ ପାଇଁ ଦୂର ହୋଇଗଲା । କାରଣ ସେଠାରେ କୌଣସି ପ୍ରକୃତ ଭୂତ ନଥିଲା, ବରଂ ଗାଁର ସରଳ ତଥା ମାନସିକ ସ୍ଥିତି ଠିକ୍ ନଥିବା ବିନ୍ଦୁ ମଉସା ଶୀତରୁ ରକ୍ଷା ପାଇବା ପାଇଁ ଏକ ବଡ଼ କଳା କମ୍ବଳ ମୁଡ଼ି ହୋଇ ସେହି ବରଗଛ ଡାଳରେ ବସି ଶୀତରେ ଥୁରୁଥୁରୁ ହୋଇ ହୁଁ ହୁଁ ହୋଇ କାନ୍ଦୁଥିଲେ । ତାଙ୍କ ହାତରେ ଥିବା ଏକ ପାଚିଲା କଦଳୀର ଚୋପା ଟର୍ଚ୍ଚ ଆଲୁଅରେ ଲାଲ୍ ଦେଖାଯାଉଥିଲା, ଯାହାକୁ ପିଲାମାନେ ଭୂତର ଲାଲ୍ ଆଖି ଭାବି ଭୟଭୀତ ହୋଇଯାଇଥିଲେ । ବିନ୍ଦୁ ମଉସା ପିଲାମାନଙ୍କୁ ଚିହ୍ନିପାରି ନିଜ କମ୍ବଳ ଭିତରୁ ମୁହଁ ବାହାର କରି ହସିଦେଲେ । କହିଲେ ଯେ ଘରେ ପ୍ରବଳ ଶୀତ ହେବାରୁ ସେ କମ୍ବଳ ଧରି ଗଛ ଉପରକୁ ଶୋଇବାକୁ ଚାଲିଆସିଥିଲେ । ଯାହା ଶୁଣି ଟୁକୁଲୁ ଏବଂ ସୁମନ ପରସ୍ପରକୁ ଚାହିଁ ଜୋର୍‌ରେ ହସିବାକୁ ଲାଗିଲେ ଏବଂ ସେମାନେ ସେହିଦିନଠାରୁ ସମ୍ପୂର୍ଣ୍ଣ ଭାବେ ବୁଝିଗଲେ ଯେ ଅନ୍ଧାର ଓ ମନର ଭ୍ରମ ଯୋଗୁଁ ହିଁ ମଣିଷ ଭୟ ପାଇଥାଏ । ପ୍ରକୃତରେ ଭୂତ ବୋଲି କିଛି ନାହିଁ, କିନ୍ତୁ ଭବିଷ୍ୟତରେ କାହାକୁ ନକହି ରାତିରେ ଘରୁ ନବାହାରିବା ପାଇଁ ସେମାନେ ନିଜ ନିଜ ଭିତରେ ଶପଥ ନେଇ ହସଖୁସିରେ ଗାଁ ଆଡ଼କୁ ଫେରିଗଲେ ।



# ପୋଲ୍କା ଡଟ୍ସ

ଫ୍ୟାଶନ ଦୁନିଆରେ କିଛି ଟ୍ରେଣ୍ଡ କେବେ ବି ପୁରୁଣା ହୁଏ ନାହିଁ, ଆଉ ସେଥିମଧ୍ୟରୁ ସବୁଠାରୁ ଚର୍ଚ୍ଚିତ ହେଉଛି ‘ପୋଲ୍କା ଡଟ୍ସ’ । ଏହା ସେଭେଣ୍ଟିଜର ରେଟ୍ରୋ ଲୁକ୍ ହେଉ କିମ୍ବା ଆଜିର ମଡର୍ଣ୍ଣ ଫ୍ୟାଶନ, ଏହି ବିନ୍ଦୁ ବିନ୍ଦୁ ଡିଜାଇନର କ୍ରେଜ୍ ସଦାସର୍ବଦା ରହିଆସିଛି । ବିଶେଷ କରି ଗ୍ରୀଷ୍ମ ଋତୁରେ ଏହା କେବଳ ଆପଣଙ୍କୁ ଏକ ଆରାମଦାୟକ ଅନୁଭବ ଦିଏ ନାହିଁ, ବରଂ ଏକ କ୍ଲାସି ଏବଂ କୁଲ୍ ଲୁକ୍ ମଧ୍ୟ ପ୍ରଦାନ କରିଥାଏ ।





## ସମର ମାକ୍ସି ଡ୍ରେସ୍

ଗ୍ରୀଷ୍ମ ଋତୁ ପାଇଁ ପୋଲ୍କା ଡଟ୍ ମାକ୍ସି ଡ୍ରେସ୍ ସବୁଠାରୁ ଭଲ ବିକଳ୍ପ । ବିଶେଷ କରି କଳା-ଧଳା କିମ୍ବା ନାଲି-ଧଳା ରଙ୍ଗର କମ୍ବିନେସନ୍ ଏକ ଗର୍ଜିଅସ ଲୁକ୍ ଦେଇଥାଏ । ଏହାକୁ ଆପଣ କୌଣସି ବି ଡେ-ଆଉଟିଂ ବେଳେ ପିନ୍ଧିପାରିବେ ।

## ପୋଲ୍କା ଡଟ୍ ଟପ୍

ଯଦି ଆପଣ ଏକ କାଜୁଆଲ୍ ଓ ଫ୍ୟାଶନେବଲ୍ ଲୁକ୍ ଚାହୁଁଛନ୍ତି, ତେବେ ଏକ ସିଫନ୍ କିମ୍ବା କଟନର ପୋଲ୍କା ଡଟ୍ ଟପ୍କୁ ଡେନିମ୍ ଜିନ୍ସ ସହ ପେୟାର୍ କରନ୍ତୁ । ଏହା ଆପଣଙ୍କୁ ଅଫିସ୍ କିମ୍ବା ବନ୍ଧୁମାନଙ୍କ ସହ ବୁଲିବାକୁ ଯିବା ସମୟରେ ଏକ ସ୍ମାର୍ଟ ଲୁକ୍ ଦେବାରେ ସାହାଯ୍ୟ କରିବ ।

## ପୋଲ୍କା ଡଟ୍ ଶାଢ଼ି


ବଲିଉଡ୍ ସେଲିବ୍ରିଟିମାନଙ୍କର ଏହା ଏକ ପସନ୍ଦର ଷ୍ଟାଇଲ୍ । ଗ୍ରୀଷ୍ମ ଦିନର କୌଣସି ପାର୍ଟି କିମ୍ବା ଉତ୍ସବ ପାଇଁ ଆପଣ ଏକ ସାଟିନ୍ କିମ୍ବା ଜର୍ଜେଟ୍ର ପୋଲ୍କା ଡଟ୍ ଶାଢ଼ି ବାଛିପାରିବେ । ଏହା ସହ ଏକ ସ୍ଲିଭ୍ଲେସ୍ ବ୍ଲାଉଜ୍ ପିନ୍ଧି ଆପଣ ନିଜକୁ ଏକ ପରଫେକ୍ଟ ରେଟ୍ରୋ ଏବଂ ମଡର୍ଣ୍ଣ ମିଶ୍ରିତ ଲୁକ୍ କ୍ରିଏଟ କରିପାରିବେ ।

## ପୋଲ୍କା ଡଟ୍ ସ୍କର୍ଟ

ଏକ ମିଡି  କିମ୍ବା ଲଙ୍ଗ୍ ପୋଲ୍କା ଡଟ୍ ସ୍କର୍ଟକୁ ଏକ ସ୍ଲିମ୍-ଫିଟ୍ ପ୍ଲେନ୍ ଟି-ସାର୍ଟ କିମ୍ବା କ୍ରପ୍ ଟପ୍ ସହିତ ପିନ୍ଧନ୍ତୁ ।  ଖରାଦିନେ ଏହି ଷ୍ଟାଇଲ୍ ବହୁତ ଆରାମଦାୟକ ହେବା ସହ ଆପଣଙ୍କୁ ବେଶ୍ ଆକର୍ଷଣୀୟ ଲୁକ ଦେବ ।

## ପୋଲକା ଡଟ୍ ଗାଉନ

ଏହା ପାର୍ଟି ୱେୟାର ପାଇଁ ପରଫେକ୍ଟ ହୋଇଥାଏ । ଏହାଆପଣଙ୍କୁ ଏକ କ୍ଲାସି ସହିତ ମଡର୍ଣ୍ଣ ଲୁକ ପ୍ରଦାନ କରିଥାଏ । ଏଥିପାଇଁ ଆପଣ ବ୍ଲାକ ହ୍ୱାଇଟ୍ କିମ୍ବା ନିଜ ମନ ପସନ୍ଦର କଲର କମ୍ବିନେସନ ବାଛି ପାରିବେ । ଏହା ବିଭିନ୍ନ ପାର୍ଟି ପାଇଁ ଖୁବ ସୁନ୍ଦର ଅପସନ ହୋଇଥାଏ ।






# ଏଲ୍ ନିନୋ

**ସାରା ଭାରତ ବର୍ତ୍ତମାନ ସୂର୍ଯ୍ୟର ତାପରେ ଜଳୁଛି । ତେବେ ଏହାରି ଭିତରେ ଏହି ପ୍ରବଳ ଗରମ ଗୁଳୁଗୁଳି ଆହୁରି ବଢିବାର ସଙ୍କେତ ଦେଇଛି ବିଶ୍ୱ ପାଣିପାଗ ସଂଗଠନ । ଖୁବଶୀଘ୍ର ଏଲ୍ ନିନୋ ସକ୍ରିୟ ହେବାକୁ ଥିବାରୁ ସାରା ବିଶ୍ୱରେ ଏହାର ପ୍ରଭାବ ପଡିବା ନେଇ ସତର୍କ କରାଇଛନ୍ତି ପାଣିପାଗ ବିଶେଷଜ୍ଞ, ଯାହାକୁ ନେଇ ସବୁଆଡେ ଚର୍ଚ୍ଚା ଜାରି ରହିଛି ।**

ନିକଟରେ ବିଶ୍ୱ ପାଣିପାଗ ସଂଗଠନ ଏକ ଗମ୍ଭୀର ଚେତାବନୀ ଜାରି କରି କହିଛି ଯେ, ଚଳିତ ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ସକ୍ରିୟହେବାରଆଶଙ୍କା ୮୦ ପ୍ରତିଶତ ରହିଛି । ଏହା କେବଳ ବିଶ୍ୱ ଜଳବାୟୁ ନୁହେଁ, ବରଂ ଭାରତର ଆଗାମୀ ମୌସୁମୀ ବର୍ଷା ଉପରେ ମଧ୍ୟ ବଡ଼ ସଙ୍କଟ ସୃଷ୍ଟି କରିପାରେ । ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ ଏହାକୁ ଏକ ଜରୁରୀକାଳୀନ ପାଣିପାଗ ଚେତାବନୀ ଭାବେ ଗ୍ରହଣ କରିବାକୁ ସାରା ବିଶ୍ୱକୁ ଆହ୍ୱାନ ଦେଇଛନ୍ତି । ଯାହାପରେ ସାରାବିଶ୍ୱରେ ଏଲ୍ ନିନୋକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

## କିପରି ହୋଇଥାଏ ଏଲ ନିନୋର ଗଠନ

ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା, ଯାହା ପ୍ରତି ୨ ରୁ ୭ ବର୍ଷ ମଧ୍ୟରେ କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରର କ୍ରାନ୍ତୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅତ୍ୟଧିକ ଗରମ ହେବା ଯୋଗୁଁ ସୃଷ୍ଟି ହୋଇଥାଏ । ଏହାର ପ୍ରଭାବ ସାଧାରଣତଃ ୯ ରୁ ୧୨ ମାସ ପର୍ଯ୍ୟନ୍ତ ରହିଥାଏ । ସାଧାରଣ ଦିନରେ ପୂର୍ବାଞ୍ଚଳ ବାଣିଜ୍ୟିକ ବାୟୁ ବା ଟ୍ରେଡ ଉଇଣ୍ଡ ଉଷ୍ମ ଜଳକୁ ଦକ୍ଷିଣ ଆମେରିକାରୁ ଏସିଆ ଆଡ଼କୁ ଆଣିଥାଏ । କିନ୍ତୁ ଏଲ୍ ନିନୋ ସମୟରେ ଏହି ପବନ ଦୁର୍ବଳ କିମ୍ବା ଓଲଟା ହୋଇଯାଏ, ଯାହାଫଳରେ ଗରମ ଜଳ ପୁଣି ପୂର୍ବ ଦିଗ ଅର୍ଥାତ୍ ଆମେରିକା ଆଡ଼କୁ ଗତି କରେ । ସମୁଦ୍ରର ଏହି ଉଷ୍ମତା ପେରୁ ଉପକୂଳରେ ତଳୁ ଉପରକୁ ଆସୁଥିବା ପୋଷକତତ୍ତ୍ୱ-ସମୃଦ୍ଧ ଥଣ୍ଡା ଜଳର ପ୍ରବାହକୁ ରୋକିଦେଇଥାଏ । ଯାହା ସାମୁଦ୍ରିକ ଜୀବନ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଅର୍ଥନୀତିକୁ ଗଭୀର ଭାବେ ପ୍ରଭାବିତ କରେ ।




## ଭାରତ ଉପରେ ପ୍ରଭାବ

**ଦୁର୍ବଳ ମୌସୁମୀ ଓ ମରୁଡ଼ି ଆଶଙ୍କା :** ଭାରତରେ ଏଲ୍ ନିନୋ ସକ୍ରିୟ ହେଲେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇଯାଏ, ଯାହାଫଳରେ ସ୍ୱାଭାବିକଠାରୁ ବହୁତ କମ୍ ବର୍ଷା ହୋଇଥାଏ । ଡବ୍ଲୁଏମଓର ମାନଚିତ୍ର ଅନୁଯାୟୀ, କେନ୍ଦ୍ରୀୟ ଭାରତ ସମେତ ପ୍ରାୟ ସମଗ୍ର ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ନିଅଣ୍ଟିଆ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି ।

**ଅସହ୍ୟ ଗ୍ରୀଷ୍ମ ପ୍ରବାହ :** ଏଲ୍ ନିନୋ ଯୋଗୁଁ ଭାରତରେ ଗ୍ରୀଷ୍ମ ଋତୁ ଅଧିକ ପ୍ରଖର ଏବଂ ଦୀର୍ଘସ୍ଥାୟୀ ହୋଇଥାଏ । ଚଳିତ ବର୍ଷ ଏହି ପ୍ରଭାବ ମଧ୍ୟମରୁ ତୀବ୍ର ହେବାର ସମ୍ଭାବନା ଥିବାରୁ ଏହା ଚାଷକାର୍ଯ୍ୟ ପାଇଁ ଚିନ୍ତା ବଢ଼ାଇଛି ।

**ଜଳ ସଙ୍କଟ :** ବର୍ଷା କମିବା ଆଶଙ୍କା ଥିବାରୁ ବିଭିନ୍ନ ସହର ଏବେଠାରୁ ଜଳ ସଞ୍ଚୟ ଉପରେ ସମୀକ୍ଷା ଆରମ୍ଭ କରିଛନ୍ତି । ଏଥିସହିତ ଫସଲ ରକ୍ଷା ପାଇଁ କୃଷି ବିଭାଗକୁ ମଧ୍ୟ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବବୋଲି ମତ ପ୍ରକାଶ ପାଇଛି ।

## ଜଳବାୟୁଚେତାବନୀ

**ତାପମାତ୍ରାରେ ରେକର୍ଡ ବୃଦ୍ଧି :** ସମୁଦ୍ରରୁ ବିପୁଳ ପରିମାଣର ଉତ୍ତାପ ବାୟୁମଣ୍ଡଳକୁ ମୁକ୍ତ ହେବା ଯୋଗୁଁ ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ପାଇବ ।

**ପାଣିପାଗର ବିପର୍ଯ୍ୟୟ :** ଏହାର ପ୍ରଭାବରେ ଦକ୍ଷିଣ ଆମେରିକାର ଉତ୍ତର ଭାଗ ଏବଂ ମଧ୍ୟ ଆମେରିକାରେ ଶୁଖିଲା ପାଣିପାଗ ଦେଖାଦେଉଥିବା ବେଳେ ଆମେରିକାର ଦକ୍ଷିଣ ଭାଗରେ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଅପରପକ୍ଷେ, ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆରେ ଭୟଙ୍କର ମରୁଡ଼ି ସହ ଜଙ୍ଗଲ ନିଆଁର ବିପଦ ବଢ଼ିଯାଇପାରେ ।

**ଜଣେ ନବାଗତଙ୍କ ଅଭିନୟକୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚା ହେଉଛି, ତାଙ୍କ ନାଁ ହେଲା ଲକ୍ଷ ଲାଲୱାନୀ । ନିଜର ଦମଦାର ଅଭିନୟ ଓ ସ୍କ୍ରିନ ପ୍ରେଜେନ୍ସ ପାଇଁ ବର୍ତ୍ତମାନ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାର ସକ୍ଷମ ହୋଇପାରିଛନ୍ତି । ବର୍ତ୍ତମାନ ନିଜ ନୂଆ ଫିଲ୍ମ ପାଇଁ ଦର୍ଶକ ଓ ସମୀକ୍ଷକ ସମସ୍ତଙ୍କର ପ୍ରଶଂସା ସାଉଁଟୁଛନ୍ତି ଏହି ଅଭିନେତା ।**



# ଲକ୍ଷଙ୍କ ଲକ୍ଷ

ଭାରତୀୟ ସିନେମା ଜଗତରେ ନିଜର ଦମଦାର ଅଭିନୟ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରତିଭାବାନ ଅଭିନେତ୍ରୀ ଓ ଅଭିନେତାଙ୍କ ମଧ୍ୟରେ ଲକ୍ଷ ଲାଲୱାନୀ ଅନ୍ୟତମ । ୧୯ ଏପ୍ରିଲ ୧୯୬ରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ୟ ନିଜର ଅଭିନୟ କ୍ୟାରିୟର ଆରମ୍ଭ ୨୦୧୫ରେ ଟେଲିଭିଜନ ଧାରାବାହିକ 'ୱାରିୟର ହାଇ' ମାଧ୍ୟମରେ କରିଥିଲେ । ପରବର୍ତ୍ତୀ ସମୟରେ ସେ 'ଅଧୁରୀ କାହାନୀ ହମାରୀ' ଓ 'ପ୍ୟାର୍ ତୁନେ କ୍ୟା କିୟା' ଭଳି ଶୋ'ରେ ନଜର ଆସିଥିଲେ । ୨୦୧୬ରେ ଏକତା କପୁରଙ୍କ ରୋମାଣ୍ଟିକ ଡ୍ରାମା 'ପରଦେଶ ମେଁ ହୈ ମେରା ଦିଲ୍'ରେ ବୀର ମେହେରାଙ୍କ ସହଯୋଗୀ ଚରିତ୍ରରେ ଅଭିନୟ କରି ସେ ପ୍ରଥମ ସଫଳତା ପାଇଥିଲେ । ଯାହାପରେ ଭାରତୀୟ ଟେଲିଭିଜନ ଇତିହାସର ମେଗା ଧାରାବାହିକ 'ପୋରସ'ରେ ମୁଖ୍ୟ ଯୋଦ୍ଧା ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକଙ୍କ ମନ ଜିଣିଥିଲେ । ୨୦୧୯ରେ କରଣ ଜୋହରଙ୍କ 'ଧର୍ମା ପ୍ରଡକ୍ସନ୍ସ' ସହ ୩ଟି ଫିଲ୍ମର ଚୁକ୍ତି ସ୍ୱାକ୍ଷର କରିବା ପରେ ସେ 'ଦୋସ୍ତାନା ୨' ଏବଂ 'ବେଧଡ଼କ' ଭଳି ଚଳଚ୍ଚିତ୍ରରେ କାମ କରିବା ଆରମ୍ଭ କରିଥିଲେ । ହେଲେ ପ୍ରଡକ୍ସନ୍ ସମସ୍ୟା ଯୋଗୁଁ ସେଗୁଡ଼ିକ ବନ୍ଦ ହୋଇଯାଇଥିଲା, ଯାହା ତାଙ୍କୁ ମାନସିକ ସ୍ତରରେ ଗଭୀର ଆଘାତ ଦେଇଥିଲା । ଚଳଚ୍ଚିତ୍ର ଦୁନିଆରେ ନିଜ ଭବିଷ୍ୟତକୁ ନେଇ ସେ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଥିଲେ । ତେବେ ସବୁ ସଂଘର୍ଷ ପରେ ୨୦୨୪ରେ ଧର୍ମା ପ୍ରଡକ୍ସନ୍ସର ଆକ୍ସନ ଫିଲ୍ମ 'କିଲ୍' ମାଧ୍ୟମରେ ସେ ବଡ଼ ପରଦାରେ ଡେବ୍ୟୁ କରିଥିଲେ । ଯେଉଁଥିରେ ଜଣେ ସେନା ଅଫିସର 'ଅମୃତ' ଭୂମିକାରେ ଅଭିନୟ କରିଥିଲେ । ଏଥିରେ ତାଙ୍କର ଅଭିନୟକୁ ଉଚ୍ଚ ପ୍ରଶଂସା ମିଳିବା ସହ ଫିଲ୍ମଟି ବକ୍ସ ଅଫିସରେ ସଫଳ ହୋଇଥିଲା । ଏହାପରେ ୨୦୨୫ରେ ଆର୍ୟନ ଖାନଙ୍କ ନିର୍ଦ୍ଦେଶିତ ନେଟଫ୍ଲିକ୍ସର ସାଟାୟାରିକାଲ ଡ୍ରାମା ସିରିଜ୍ 'ଦ ବ୍ୟାଡଆସ ଅଫ୍ ବଲିଉଡ' ରେ ଜଣେ ସଂଘର୍ଷରତ କଳାକାର ଭାବେ ଅଭିନୟ କରି ସେ ପୁଣି ଚର୍ଚ୍ଚାକୁ ଆସିଥିଲେ । ଯେଉଁଠି କୋ-ଷ୍ଟାର ସହର ବାମ୍ବାଙ୍କ ସହ ତାଙ୍କର କେମିଷ୍ଟ୍ରି ଖୁବ୍ ପସନ୍ଦ କରାଯାଇଥିଲା । ତେବେ ନିକଟରେ ୨୦୨୬ରେ ମୁକ୍ତିଲାଭ କରିଥିବା କରଣ ଜୋହରଙ୍କ ରୋମାଣ୍ଟିକ ଡ୍ରାମା ଫିଲ୍ମ 'ଚାନ୍ଦ ମେରା ଦିଲ୍' ରେ ସେ ଅନନ୍ୟା ପାଣ୍ଡେଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି । ଏଥିରେ ତାଙ୍କ ଅଭିନୟକୁ ସମସ୍ତେ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ସେହିଭଳି ଆଗକୁ ମଧ୍ୟ କିଛି ଭଲ ପ୍ରୋଜେକ୍ଟରେ କାମ କରିବାକୁ ଲକ୍ଷଙ୍କର ଲକ୍ଷ୍ୟ ଥିବା ସେ ଅନେକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।